୬ ଯୁ-୧୯ : ଆଫଗାନିସ୍ତାନକୁ ହରାଇ ଫାଇନାଲ୍‌ରେ ଭାରତ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୨୮୨ ● ୧୩ ନଭେମ୍ବର ୨୦୨୬ ଶୁକ୍ରବାର ● ଭୁବନେଶ୍ୱର ● Vol -33 ● Issue-282 ● 13th November 2026, Friday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27

ରାଜ୍ୟସ୍ତରୀୟ ସୁରଭି-୨୦୨୬ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ

୧୬୫ କୋଟିରେ ୮୦୭ଟି ବିଦ୍ୟାଳୟରେ ଅତ୍ୟାଧୁନିକ ରୋବୋଟିକ୍ସ ଲ୍ୟାବ୍

ଭୁବନେଶ୍ୱର, ୧୨।୧୧

ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାର କୋଣଅନୁକୋଣରୁ ଆସିଥିବା ମେଧାବୀ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭା, ସ୍ୱପ୍ନ, ସୃଜନଶୀଳତା ଏବଂ ଅସୀମ ସମ୍ଭାବନାର ଏକ ମହାମିଳନ ଭାବେ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ "ସୁରଭି-୨୦୨୬" ଗୁରୁବାର ଭୁବନେଶ୍ୱରସ୍ଥିତ ୟୁନିଟ୍-୩ କ୍ୟାପିଟାଲ୍ ହାଇସ୍କୁଲ ପଡ଼ିଆଠାରେ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଉଦ୍‌ଘାଟିତ ହୋଇଯାଇଛି।



ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଆନୁକୂଲ୍ୟରେ ଆୟୋଜିତ ଏହି ତିନିଦିନିଆ ରାଜ୍ୟସ୍ତରୀୟ ସମାରୋହକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଛନ୍ତି।

ଏହି ଗୌରବମୟ ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା କୃତୀ ଶିକ୍ଷକ, ଛାତ୍ରଛାତ୍ରୀ, ଶିକ୍ଷାନୁଷ୍ଠାନ ସମେତ ନବରଙ୍ଗପୁର, କଟକ, କଳାହାଣ୍ଡି ଜିଲ୍ଲାକୁ ସମ୍ମାନଜନକ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ପ୍ରଦାନ କରିବା ସହିତ ମାତୃଭାଷା ଓଡ଼ିଆର ପ୍ରଚାର ଓ ପ୍ରସାର ପାଇଁ 'ମୁଖ୍ୟମନ୍ତ୍ରୀ ଓଡ଼ିଆ ଭାଷା ବୃତ୍ତି' ବିତରଣ କରିଛନ୍ତି। ଏଥିସହିତ ପ୍ରାଥମିକ ଶିକ୍ଷାର ମୂଳଦୁଆକୁ ସୁଦୃଢ଼ କରିବା ନିମନ୍ତେ 'ନିପୁଣ ଆପ୍'ର ଲୋକାର୍ପଣ ଏବଂ ଗ୍ରାମାଞ୍ଚଳର ପିଲାମାନଙ୍କୁ ଅତ୍ୟାଧୁନିକ ବିଜ୍ଞାନ ସହ ଯୋଡ଼ିବା ପାଇଁ ରାଜ୍ୟର ୮୦୭ଟି ବିଦ୍ୟାଳୟରେ ରୋବୋଟିକ୍ସ ଲ୍ୟାବ୍‌ର ମଧ୍ୟ ଶୁଭାରମ୍ଭ କରାଯାଇଛି। ଏଥିପାଇଁ ୧୬୪.୩୩ କୋଟି ଟଙ୍କା ବିନିଯୋଗ କରାଯାଇଛି।

ଚଳିତ ବର୍ଷର ରାଜ୍ୟସ୍ତରୀୟ 'ସୁରଭି-୨୦୨୬' ମହୋତ୍ସବରେ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ (ପୃଷ୍ଠା ୭ରେ)

ଦେଶର ଉପଲବ୍ଧି, ପ୍ରତିଭା ଓ ସକାରାତ୍ମକ କାହାଣୀକୁ ବିଶ୍ୱ ଦରବାରରେ ପହଞ୍ଚାଉ ଗଣମାଧ୍ୟମ

ନୂଆଦିଲ୍ଲୀ, ୧୨।୧୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଣମାଧ୍ୟମ ଜଗତକୁ ଦେଶର ସଫଳତା ସହ ଜଡ଼ିତ କାହାଣୀଗୁଡ଼ିକୁ ବିଶ୍ୱବାସୀଙ୍କ ପାଖରେ ପହଞ୍ଚାଇବାକୁ ଆହ୍ୱାନ କରିଛନ୍ତି। ବିକାଶ ପଥରେ ଆଗକୁ ବଢୁଥିବା ଆମ ଦେଶର ଉପଲବ୍ଧି, ପ୍ରତିଭା ଏବଂ ସକାରାତ୍ମକ କାହାଣୀଗୁଡ଼ିକୁ ବିଶ୍ୱ ମଞ୍ଚରେ ସ୍ଥାନ ମିଳିବା ଉଚିତ ବୋଲି ସେ କହିଛନ୍ତି।



ପ୍ରଧାନମନ୍ତ୍ରୀ ମୋଦୀ ଗୁରୁବାର ବିଜେପି କେନ୍ଦ୍ରୀୟ କାର୍ଯ୍ୟାଳୟରେ ଗଣମାଧ୍ୟମ ପାଇଁ ଆୟୋଜିତ ଦୀପାବଳି ମିଳନ ସମାରୋହରେ ଏହି କଥା କହିଛନ୍ତି। ଏହି ଅବସରରେ ବିଜେପି ଅଧ୍ୟକ୍ଷ ନୀତିନ ନବୀନ, କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହ, ଅମିତ ଶାହ ଏବଂ ଜେ.ପି. ନଡ୍ଡା ମଞ୍ଚରେ ଉପସ୍ଥିତ ଥିଲେ।

ଗଣମାଧ୍ୟମ ଜଗତରେ ସମ୍ବାଦ ପଠାଇବା ଏବଂ ପ୍ରସାରଣ କରିବାର ସମୟସୀମାର ଉଦାହରଣ ଦେଇ ସେ କହିଥିଲେ ଯେ, ବ୍ୟକ୍ତି, ସଂସ୍ଥା ଏବଂ ଦେଶ ପାଇଁ ମଧ୍ୟ ସମୟସୀମା ଲାଗୁ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ଆଜି ଦେଶ ନିଜର ଲକ୍ଷ୍ୟଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପୂରଣ କରିବାକୁ ସଂକଳ୍ପବଦ୍ଧ ହୋଇଛି। ୨୦୪୭ ସୁଦ୍ଧା ଆମକୁ ଦେଶକୁ ବିକଶିତ କରିବାକୁ ହେବ। ଏହି ଲକ୍ଷ୍ୟ ହାସଲ କରିବା କଷ୍ଟକର ନୁହେଁ ବୋଲି ସେ ମତବ୍ୟକ୍ତ କରିଥିଲେ। (ପୃଷ୍ଠା ୭ରେ)

୧୪ରେ ମିଳିବ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପକ୍କା ଘର

ଭୁବନେଶ୍ୱର, ୧୨।୧୧ : ନ୍ୟୁଜ୍ ବ୍ୟୁରୋ

ଆସନ୍ତା ୧୪ ତାରିଖରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପକ୍କା ଘର ମିଳିବ ବୋଲି ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ସୂଚନା ଦେଇଛନ୍ତି। (ପୃଷ୍ଠା ୭ରେ)

ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୯୮୦ (-୨୧୮)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୮୧୫ (-୨୦୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୪୮୫ (-୧୬୪)

ରୁପା ଦର

ରୂପା – ପ୍ରତି ଗ୍ରାମ ୨୦୦ (+୦)

ସଚିବ ସ୍ତରୀୟ ବୈଠକ

'ଅର୍ଣ୍ଣବ' ପରବର୍ତ୍ତୀ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ



ଭୁବନେଶ୍ୱର, ୧୨।୧୧

ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ଗୁରୁବାର ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ଓ ସମୀକ୍ଷା କରାଯାଇଛି । ଏଥିରେ ୨୦୨୬-୨୭ ବଜେଟ୍ ଅନୁମୋଦନ ଅନୁସାରେ ଖର୍ଚ୍ଚ ସମୀକ୍ଷା କରାଯିବା ସହ ଆଗତ ହେବାକୁ ଥିବା ଅତିରିକ୍ତ ବଜେଟ୍ ଏବଂ ଆଗାମୀ ୨୦୨୭-୨୮ ବାର୍ଷିକ ବଜେଟ୍ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଥିଲା।

ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ପ୍ରାରମ୍ଭରେ ଗତ ଅକ୍ଟୋବର ପ୍ରଥମ ସପ୍ତାହରୁ ନଭେମ୍ବର ମାସ ଗୁରୁବାର ସୁଦ୍ଧା ରାଜ୍ୟର ପ୍ରମୁଖ ସଫଳତା ଓ ବିକାଶମୂଳକ ପଦକ୍ଷେପ ଏବଂ ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ । ଏଥି ସହିତ ବାତ୍ୟା "ଅର୍ଣ୍ଣବ" ଏବଂ ଏହାର ପ୍ରଭାବରେ ଗଞ୍ଜାମ ଜିଲ୍ଲାରେ ସଂଗଠିତ ବନ୍ୟା ପ୍ରଭାବିତଙ୍କୁ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ଏହାକୁ ତ୍ୱରାନ୍ୱିତ କରିବାରେ ସମ୍ପୃକ୍ତ ସମସ୍ତ ବିଭାଗମାନଙ୍କୁ ମୁଖ୍ୟ ସଚିବ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି ।

ବୈଠକରେ ୩୧ ଅକ୍ଟୋବର ସୁଦ୍ଧା ରାଜ୍ୟର ବିତ୍ତୀୟ ପ୍ରଦର୍ଶନ ଉପସ୍ଥାପନ କରାଯାଇଥିଲା। ଅଦ୍ୟାବଧି ବିଭିନ୍ନ ବିଭାଗ ତରଫରୁ କରାଯାଇଥିବା ଖର୍ଚ୍ଚ ଓ ରାଜସ୍ୱ ଆଦାୟ ସମ୍ପର୍କରେ (ପୃଷ୍ଠା ୭ରେ)

ବାୟୁସେନା କମାଣ୍ଡରମାନେ ସର୍ବଦା ପ୍ରସ୍ତୁତ ରହିବାକୁ ପ୍ରତିରକ୍ଷା ମନ୍ତ୍ରୀଙ୍କ ଆହ୍ୱାନ

ନୂଆଦିଲ୍ଲୀ, ୧୨।୧୧

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଗୁରୁବାର ସଶସ୍ତ୍ର ବାହିନୀକୁ 'ସରପ୍ରାଇଜ୍ ଏଲିମେଣ୍ଟ' (ଆକସ୍ମିକ ଆକ୍ରମଣର କ୍ଷମତା)କୁ ମଜଭୁତ ରଖିବାକୁ ଆହ୍ୱାନ କରିଛନ୍ତି। ଦ୍ରୁତଗତିରେ ହେଉଥିବା ବୈଷୟିକ ଉନ୍ନତି ଏବଂ ଆଧୁନିକ ଯୁଦ୍ଧର ପରିବର୍ତ୍ତିତ ସ୍ୱରୂପ ଯୋଗୁଁ ସୃଷ୍ଟି ହେଉଥିବା ପାରମ୍ପରିକ ଓ ନୂତନ ବିପଦର ମୁକାବିଲା ପାଇଁ ସେନାବାହିନୀର କାର୍ଯ୍ୟକ୍ଷମ ପ୍ରସ୍ତୁତି ବଜାୟ ରଖିବା ଏହାର ଉଦ୍ଦେଶ୍ୟ। ଏଥିସହ ଗୁଇନ୍ଦା ଓ ନିରୀକ୍ଷଣ କ୍ଷମତାକୁ ନିରନ୍ତର ମଜଭୁତ କରିବା, ବିଭିନ୍ନ ବ୍ୟବସ୍ଥା ମଧ୍ୟରେ ସମନ୍ୱୟ ବୃଦ୍ଧି କରିବା ଏବଂ ସମ୍ଭାବ୍ୟ ବିପଦ ସାମ୍ନାକୁ ଆସିବା ପୂର୍ବରୁ ତାହାକୁ ଚିହ୍ନଟ କରିବାର ଆବଶ୍ୟକତା ଉପରେ ସେ ଜୋର୍ ଦେଇଛନ୍ତି। ଏହା ସହିତ ସାମରିକ ଅଭିଯାନ, ପ୍ରଶାସନ ଏବଂ ଏରୋସ୍ପେସ୍ ସୁରକ୍ଷା ପାଇଁ ବିକଶିତ ଏଆଇ ଆପ୍ଲିକେସନଗୁଡ଼ିକର ମଧ୍ୟ ଶୁଭାରମ୍ଭ କରିଛନ୍ତି।



ନୂଆଦିଲ୍ଲୀରେ ବାୟୁସେନା କମାଣ୍ଡର ସମ୍ମିଳନୀକୁ ସମ୍ବୋଧିତ କରି ସେ ନିରୀକ୍ଷଣ ଏବଂ ଡ୍ରୋନ୍ ବିରୋଧୀ ଅଭିଯାନ ପାଇଁ ଉଚ୍ଚସ୍ତରୀୟ ପ୍ରସ୍ତୁତି ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ କହିଥିଲେ ଯେ, ଆମର ପ୍ରତିରକ୍ଷା ବାହିନୀ ଏଭଳି କ୍ଷମତା ଓ ରଣକୌଶଳ ବିକଶିତ କରିବା ଆବଶ୍ୟକ, ଯାହାଦ୍ୱାରା ଶତ୍ରୁକୁ ପ୍ରତିକ୍ରିୟା ଦେବା କିମ୍ବା ନିଜକୁ ସମ୍ଭାଳିବା ପାଇଁ ସମୟ ମିଳିବ ନାହିଁ। ଏଥିସହ ଶତ୍ରୁର କୌଣସି ଆକସ୍ମିକ ପଦକ୍ଷେପ ଯେପରି ଆମକୁ ଆଶ୍ଚର୍ଯ୍ୟଚକିତ ନକରେ, ତାହା ମଧ୍ୟ ସୁନିଶ୍ଚିତ କରିବାକୁ ହେବ।

ସେ କହିଥିଲେ ଯେ, ବିଭିନ୍ନ ଉପାୟରେ ଆକସ୍ମିକ ଆକ୍ରମଣ କରାଯାଇପାରେ। ଏହା ପାରମ୍ପରିକ ଏବଂ ଇଲେକ୍ଟ୍ରୋନିକ୍ ଉଭୟ ପ୍ରକାରର ହୋଇପାରେ। ତେଣୁ ଆମର ଗୁଇନ୍ଦା ଓ ନିରୀକ୍ଷଣ (ପୃଷ୍ଠା ୭ରେ)

ଏକାଳ ପଖାଳ



କିଏ କଣ କଲା କରିଛି
ଛାଡ ଏଇ ସବୁ କଥା
ସଙ୍କଟ ସାଙ୍କଟ ଯାହା ବି ହେଇଛି
ସମାଧାନ କର ଯଥା
ସେଥିରେ ଘୁରାଅ ମଥା
ବାସି ଜିନିଷକୁ ଘାଣ୍ଟିଲେ କି ହେବ
ପ୍ରଚାର ପ୍ରସାର ଗାଥା।



ଗଞ୍ଜାମ ବନ୍ୟା ପାଇଁ ୨୪ ବର୍ଷର ଶାସନକୁ ଦାୟୀ କଲେ ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୧୨।୧୧ : ନ୍ୟୁଜ୍ ବ୍ୟୁରୋ

ଗଞ୍ଜାମ ଜିଲ୍ଲାରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ଓ ଏହାର ପରିଚାଳନାକୁ ନେଇ ବୁଧବାର ମୁଖ୍ୟଶାସନ ସଚିବ ଅନୁ ଗର୍ଗ ସରକାରଙ୍କ ତରଫରୁ ଜବାବ ରଖିଥିବା ବେଳେ ଗୁରୁବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସାମ୍ବାଦିକ ସମ୍ମିଳନୀରେ ଉତ୍ତର ଦେଇଛନ୍ତି। ଏହି ଅବସରରେ ସେ ଗଞ୍ଜାମର ବିଭିନ୍ନ ନଦୀ ଓ ଡ୍ୟାମ୍‌ରେ ଜଳ ପରିଚାଳନା ବ୍ୟବସ୍ଥାକୁ ନେଇ ପୂର୍ବ ସରକାରଙ୍କୁ ଟାର୍ଗେଟ୍ କରିବା ସହ ଗତ ୨୪ ବର୍ଷର ଶାସନ କାଳର ବିଫଳତାକୁ ବର୍ତ୍ତମାନର ବନ୍ୟା ପରିସ୍ଥିତି ପାଇଁ ଦାୟୀ କରିଛନ୍ତି।

ରାଜସ୍ୱ ମନ୍ତ୍ରୀ କହିଛନ୍ତି ଯେ, ବିଭିନ୍ନ ନଦୀରେ ଜଳ ନିଷ୍କାସନ ବ୍ୟବସ୍ଥାକୁ ସ୍ୱୟଂଚାଳିତ (ଅଟୋମେଟିକ୍) ରଖାଯାଇଥିଲା। ଅନ୍ୟପକ୍ଷରେ, ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ପୂର୍ବାନୁମାନ ଆଧାରରେ ସରକାରଙ୍କ ପକ୍ଷରୁ (ପୃଷ୍ଠା ୭ରେ)



ସରକାର ନିରବ ଦ୍ରଷ୍ଟା

ଆନ୍ଦୋଳନକାରୀଙ୍କ କବ୍‌ଜାରେ ଗାନ୍ଧୀ ମାର୍ଗ



ଭୁବନେଶ୍ୱର, ୧୨।୧୧

ନ୍ୟୁଜ୍ ବ୍ୟୁରୋ

ମହାତ୍ମା ଗାନ୍ଧୀ ମାର୍ଗ । ରାଜଧାନୀ ଭୁବନେଶ୍ୱର ସହରର କେନ୍ଦ୍ରସ୍ଥଳ ବା ଛାତି ଉପରେ ରହିଛି ଏହି ଗୁରୁତ୍ୱପୂର୍ଣ୍ଣ ତଥା ମୁଖ୍ୟ ରାସ୍ତା । ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦର ହେଉ କିମ୍ବା ବରମୁଣ୍ଡା ବସ୍‌ଷ୍ଟାଣ୍ଡ ହେଉ କିମ୍ବା ଭୁବନେଶ୍ୱର ରେଳ ଷ୍ଟେସନ ହେଉ ଏସବୁ ସ୍ଥାନକୁ ସଂଯୋଗ କରୁଥିବା ଏହି ଗାନ୍ଧୀ ମାର୍ଗ ହିଁ ଯାତାୟାତର ସବୁଠୁ ବଡ ମାଧ୍ୟମ । ଅର୍ଥାତ୍ ଯାତ୍ରୀ/ପର୍ଯ୍ୟଟକଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକେ ଏହି ଗାନ୍ଧୀ ମାର୍ଗ ଉପରେ ନିର୍ଭର କରି ଯାତାୟାତ କରିଥାନ୍ତି । ହେଲେ ବିଡମ୍ବନା ହେଉଛି ଏବେ ଦିନ ଦିନ, ମାସ ମାସ ଧରି ରାଜଧାନୀର ଏହି ମୁଖ୍ୟରାସ୍ତାରେ ଯାତାୟାତ ବନ୍ଦ ହୋଇଯାଇଛି । କାହିଁକି ନା କିଛି ମୁଷ୍ଟିମେୟ ସଂଗଠନ ଓ କର୍ମଚାରୀ ନେତା ସେମାନଙ୍କର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବା ନାମରେ ଏଠାରେ ଆନ୍ଦୋଳନ ଚଳାଇବା, ବିକ୍ଷୋଭ ପ୍ରଦର୍ଶନ ଓ ପ୍ରତିବାଦ ସଭା କରିବା ଏବଂ ଅହୋରାତ୍ର ଧାରଣା ଅବ୍ୟାହତ ରଖିବାରୁ ସାଧାରଣ ଲୋକଠାରୁ ଆରମ୍ଭ କରି ବାହାରୁ ଆସୁଥିବା ଯାତ୍ରୀ ଓ ପର୍ଯ୍ୟଟକମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ଏଥିଯୋଗୁ ରାଜଧାନୀବାସୀଙ୍କ ଦୁଃଖ କହିଲେ ନସରେ । ହେଲେ ଏହି ଜ୍ୱଳନ୍ତ ସମସ୍ୟାକୁ ସରକାର ଅଣଦେଖା କରି ଚାଲିଛନ୍ତି । ଯାହାଫଳରେ ଗାନ୍ଧୀ ମାର୍ଗ ଚର୍ତୁଃପାର୍ଶ୍ୱରେ ଗୁରୁତର ଭାବେ ପରିବେଶ ଜନିତ ସମସ୍ୟା ମଧ୍ୟ ସୃଷ୍ଟି ହୋଇଛି । ଆନ୍ଦୋଳନକାରୀମାନେ ଦିନବେଳା ଗାନ୍ଧୀମାର୍ଗରେ ସରକାର ବିରୋଧୀ ସ୍ଲୋଗାନବାଜୀରେ ପରିବେଶକୁ କମ୍ପମାନ କରୁଥିବା ବେଳେ ରାତିରେ ବିଛଣା ଚାଦର ପକାଇ ଏହି ରାସ୍ତାରେ ଶୋଇ ରହୁଛନ୍ତି । ସହରର ଏହି ମୁଖ୍ୟ ରାସ୍ତାଟି ଦୀର୍ଘ ଦିନ ଧରି ବନ୍ଦ ରହିଛି । ଆନ୍ଦୋଳନକାରୀମାନଙ୍କ ପାଇଁ ଏହି ଅଞ୍ଚଳ ଚାରିପଟେ ପୋଲିସ୍ କଡନ୍ କରି ସୁରକ୍ଷା କାର୍ଯ୍ୟରେ ନିୟୋଜିତ ରହିଛନ୍ତି । ବ୍ୟାରିକେଡ୍ ମଧ୍ୟ ନିର୍ମାଣ କରାଯାଇଛି । ଆନ୍ଦୋଳନକାରୀଙ୍କ ସୁବିଧା ପାଇଁ ପାନୀୟ ଜଳ (ପାଣି ଟ୍ୟାଙ୍କର) ବ୍ୟବସ୍ଥା କରାଯାଇଥିବା ବେଳେ ଶୌଚ ପାଇଁ ଅସ୍ଥାୟୀ ଶୌଚାଳୟ ବା ଟଏଲେଟ ମଧ୍ୟ କରାଯାଇଛି । ଏତେ ପ୍ରକାର ସୁବିଧା ଦିଆଯାଉଥିବାରୁ ଆନ୍ଦୋଳନକାରୀମାନେ ଏହି ସ୍ଥାନ ଛାଡି ଆଉ କୁଆଡେ ଯିବାକୁ ଉଚିତ (ପୃଷ୍ଠା ୭ରେ)

32 YEARS
ସମ୍ବାଦ ଜହ୍ନିକା
ଭୁବନେଶ୍ୱର, ୧୩ ନଭେମ୍ବର ୨୦୨୬ ଶୁକ୍ରବାର



ଯାଜପୁରରୋଡ଼ କାଳୀପୂଜା:ସୁଦୃଶ୍ୟ ତୋରଣ ଓ ସାଜସଜ୍ଜାରେ ଝଲସୁଛି ସହର

ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ

ଯାଜପୁରରୋଡ ବା ବ୍ୟାସନଗର ସହରରେ କାଳୀ ପୂଜାର ମାହୋଲ ବତାବରଣ ସୃଷ୍ଟି ହୋଇଛି । ପାଗ ଅନୁକୂଳ ଥିବାରୁ ଦର୍ଶକଙ୍କ ସଂଖ୍ୟା ଆଶାତିତ ବୃଦ୍ଧି ପାଇଛି । ପୂଜା ମଣ୍ଡପଗୁଡ଼ିକରେ ପ୍ରସାଦ ସେବନ ଚାଲିଛି । ଏହି ସହର ଗଣପର୍ବ ଭାବେ ପରିଚିତ କାଳୀପୂଜା ମହା ସମାରୋହରେ ପାଳିତ ହେଉଛି । ସହରର ୧୯ ଗୋଟି ମଣ୍ଡପରେ ମା' ଶ୍ୟାମା କାଳୀ ପୂଜା ପାଉଛନ୍ତି । ଗତ ୮ ତାରିଖରେ ଆରମ୍ଭ ହୋଇଥିବା ଏହି ପୂଜା ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚାଲୁରହି ୧୮ ତାରିଖରେ ବୁଧବାର ମେଲଣ ଓ ଭସାଣି ଉତ୍ସବ ଅନୁଷ୍ଠିତ ହେବ । ପୂଜା ମଣ୍ଡପ ଗୁଡିକ ପ୍ରତିଯୋଗିତା ମୂଳକ ଭାବେ ଆକର୍ଷଣୀୟ ସାଜସଜ୍ଜା ସାଙ୍ଗକୁ ସୁନ୍ଦର ତୋରଣ ଓ ଆଲୋକ ସଜ୍ଜା ସହରର ରୂପରେଖ ବଦଳାଇଦେଇଛି । ବିଭିନ୍ନ ରଙ୍ଗୀନ ଆଲୋକ ମାଳରେ ସହରର ରାସ୍ତା ଘାଟ ଝଲମଲ କରୁଛି । ସତେଯେପରି ଇନ୍ଦ୍ର ମହଲର ଭ୍ରମ ସୃଷ୍ଟି କରିଛି । ଦିନ ବେଳେ ଦୁରଦୂରାନ୍ତ ଲୋକମାନଙ୍କ ସମାଗମ ହେଉଥିବା ବେଳେ ସନ୍ଧ୍ୟା ହେଲେ ଦର୍ଶକଙ୍କ ଭିଡ଼ ଜମୁଛି । ମଣ୍ଡପ ଗୁଡିକରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ସାଙ୍ଗକୁ ପୌରାଣିକ, ସାମାଜିକ, ବିଭିନ୍ନ ଘଟଣାବଳି ଓ ଜନସଚେତନତାର ବାର୍ତ୍ତା ବହନ କରୁଥିବା ବାରୁହାଲୀ ମୂର୍ତ୍ତି ମାନ ଶୋଭାପାଉଛି । ମିନାବଜାର ସାଙ୍ଗକୁ ଦୋଳି ଓ ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ଖାଦ୍ୟ ଷ୍ଟଲ୍‌ରେ ଭିଡ଼ ଜମୁଛି । ପୂଜା ମଣ୍ଡପ ନିକଟରେ ପ୍ରତ୍ୟେକ ସନ୍ଧ୍ୟାରେ ଓଡ଼ିଶାର ପ୍ରସିଦ୍ଧ ନାମିଦାମୀ କଣ୍ଠଶିଳ୍ପୀ ମାନଙ୍କୁ ନେଇ ଭଜନ ସନ୍ଧ୍ୟା ଏବଂ ମେଲୋଡି ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ



ଅନୁଷ୍ଠିତ ହେଉଛି । ଏହି କାର୍ଯ୍ୟକ୍ରମ ଦେଖିବା ପାଇଁ ଦର୍ଶକଙ୍କ ଭିଡ଼ ଜମୁଛି । ପୂଜାରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଏକ ଶାନ୍ତିକମିଟି ଗଠନ କରାଯାଇଛି । ପୋଲିସ ପ୍ରଶାସନ ସମସ୍ତ ପୂଜା କମିଟିର ସଦସ୍ୟ ବୁଦ୍ଧିଜୀବୀଙ୍କୁ ନେଇ ଏହି ଶାନ୍ତି କମିଟି ଗଠନ ହୋଇଛି । ପୋଲିସ ପକ୍ଷରୁ ସହରର ଟ୍ରାଫିକ୍ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରାଯାଇ ଶାନ୍ତି ଶୃଙ୍ଖଳା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଛି । ଅସାମାଜିକ ତତ୍ୱ, ଚୋରି, ପକେଟମାରଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବାକୁ ପୂଜା ମଣ୍ଡପ ଓ ବିଭିନ୍ନ ସ୍ଥାନରେ ସିସି ଟିଭି ଲଗାଯାଇଛି । ସହର ମଧ୍ୟକୁ ଭାରୀଯାନ ଓ ପ୍ଲାଷ୍ଟ ବସ୍ ପ୍ରବେଶ ଉପରେ କଟକଣା ରହିଛି । ସହରର ଭିଡକୁ ନିୟନ୍ତ୍ରଣ କରିବା ପାଇଁ ଚାରି ଚକିଆ ଗାଡିଗୁଡିକ ପ୍ରବେଶ ଉପରେ ରୁଟ୍ ମ୍ୟାପ୍ ଦିଆଯାଇଛି । ଆମ୍ବୁଲାନ୍ସ ଓ ଅନ୍ୟ ଜରୁରୀ କାଳୀନ ଗାଡି ପାଇଁ ସ୍ୱତନ୍ତ୍ର ରୁଟ୍ କରାଯାଇଥିବା ଯାଜପୁରରୋଡ଼ ଥାନାଧିକାରୀ ଆଶିଷ କୁମାର ସାହୁ କହିଛନ୍ତି ।

ଅସହାୟ ଗରିବ ଜନତାଙ୍କୁ ମାଗଣାରେ ନ୍ୟାୟ ପ୍ରଦାନ 'ଆଇନ୍ ସେବା ପ୍ରାଧିକରଣ'ର ମୁଖ୍ୟ ଲକ୍ଷ୍ୟ

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ଜଗତସିଂହପୁର ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣର ତରଫରୁ ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ଓ ଦୌରା ଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକ ପତକା ଦେଖାଇ ଏକ ସଚେତନତା ରଥକୁ ଶୁଭାରମ୍ଭ କରିଥିଲେ । ଏହି ରଥ ନଗର ପରିକ୍ରମା କରିଥିଲା । ଏହାପରେ ଜିଲ୍ଲା ଅଦାଲତର ସଭାଗୃହରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଜଜ୍ ଶ୍ରୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଅତିରିକ୍ତ ଜିଲ୍ଲା ଜଜ୍ ବିଭୁ ପ୍ରସାଦ ପଣ୍ଡା, ଜିଲ୍ଲା ଓକିଲ ସଂଘ ସଭାପତି ରବୀନ୍ଦ୍ରନାଥ ସ୍ୱାଇଁ, ସମ୍ପାଦକ ସରୋଜ କୁମାର ବିଶ୍ୱାଳ, ସି.ଜେ.ମ୍ ନରୋତ୍ତମ ସେଠୀ, ମହିଳା ଅଦାଲତ ବିଚାରପତି ପ୍ରଜ୍ଞା ପରମିତା ମହାପାତ୍ର, ସବ୍ ଜଜ୍ ରାକେଶ କୁମାର ମୁଦୁଲି, ଆଇନ୍ ସେବା ପ୍ରାଧିକରଣ ସଚିବ ବିଡିଡି ଚନ୍ଦନା,



ଏସ.ଡି.ଯେ.ଏମ୍ ପ୍ରତ୍ୟକ୍ଷ କୁମାର ଚାନ୍ଦ, ଜେ.ଏମ୍.ଏସ୍.ସି ଶ୍ରୀୟଙ୍କା ଦାଶ, ବରିଷ୍ଠ ଆଇନ୍‌ଜୀବୀ, ପାରା ଲିଗାଲ୍ ସ୍ୱେଚ୍ଛାସେବୀ, ଜିଲ୍ଲା ଅଦାଲତାର କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ । ଜିଲ୍ଲା ଜଜ୍ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ସମ୍ବିଧାନର ଧାରା "୩୯-କ" କୁ ଦୃଷ୍ଟିରେ ରଖି ଭାରତ ସରକାର ୧୯୮୭ ମସିହାରେ 'ଆଇନ୍ ସେବା ପ୍ରାଧିକରଣ ଅଧିନିୟମ' ନାମରେ ଏକ ଆଇନ୍ ପ୍ରଣୟନ କରିଛନ୍ତି । ଏହି ଅଧିନିୟମ ୧୯୯୫ ମସିହାରୁ କାର୍ଯ୍ୟକ୍ଷମ ହୋଇ ବଳବତ୍ତର ରହିଛି । ଏହି ଆଇନ୍ ବଳରେ ଜାତୀୟ ସ୍ତରରୁ ଆରମ୍ଭ କରି ଜିଲ୍ଲାସ୍ତର ଓ ତାଲୁକ୍ ସ୍ତରରେ ଆଇନ୍ ସେବା ପ୍ରାଧିକରଣ ଅଥବା ଆଇନ୍ ସେବା କମିଟିମାନ ଗଠନ କରାଯାଇ ତାଙ୍କ ଜରିଆରେ ନିଃଶୁଳ୍କ ଆଇନ୍ ସେବା ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି । ପ୍ରତି ରାଜ୍ୟରେ ହାଇକୋର୍ଟ ପରିସରରେ ଏବଂ ନ୍ୟାୟାଳୟ ପରିସରରେ ମଧ୍ୟ ଆଇନ୍ ସେବା କମିଟି କାର୍ଯ୍ୟକ୍ଷମ ରହିଛି । ସମସ୍ତ ମହିଳା, ଶିଶୁ, ତପସିଲ ଭୁକ୍ତ ଜାତି ଓ ଉପଜାତି, ବିଚାରଧୀନ ବନ୍ଦୀ, ପ୍ରାକୃତିକ ବିପର୍ଜୟରେ କ୍ଷତିଗ୍ରସ୍ତ ହୋଇଥିବା ବ୍ୟକ୍ତି, ଏଡ୍ସ ରୋଗୀ, ଏବଂ ବାର୍ଷିକ ଆୟ ୩ ଲକ୍ଷ ଟଙ୍କାରୁ କମ୍ ଥିବା ବ୍ୟକ୍ତିମାନେ ନିଃଶୁଳ୍କ ଆଇନ୍ ସେବା ପାଇପାରିବେ ବୋଲି ଜିଲ୍ଲା ଜଜ୍ ଶ୍ରୀ ନାୟକ କହିଛନ୍ତି । ଜିଲ୍ଲା ଓକିଲ ସଂଘ ସଭାପତି ଶ୍ରୀ ସ୍ୱାଇଁ କିପରି ମାଗଣାରେ ଆଇନ୍ ସେବା ଦିଆଯାଇପାରିବ ଏହି ବିଷୟରେ ବୁଝାଇଥିଲେ । ଅନ୍ୟତମ ବକ୍ତା ଭାବେ ବରିଷ୍ଠ ଆଇନଜୀବୀ ନଳିନୀ ରଞ୍ଜନ ମହାପାତ୍ର ଆଇନ୍ ସେବା ପ୍ରାଧିକରଣ ବିଷୟରେ ସଚେତନ କରାଇଥିଲେ । ଜେ.ଏମ୍.ଏସ୍.ସି ଶ୍ରୀୟଙ୍କା ଦାଶ ଏହି ଦିବସର ଆଭିମୁଖ୍ୟ ବିଷୟରେ ଆଲୋଚନା କରିଥିଲେ । ମହିଳା ଅଦାଲତ ବିଚାରପତି ଶ୍ରୀମତୀ ମହାପାତ୍ର ଆଇନ୍ ସେବା ପ୍ରାଧିକରଣର ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ ସଚେତନ କରାଇଥିଲେ । ପ୍ରାଧିକରଣ ସଚିବ ବିଡିଡି ଚନ୍ଦନା କେଉଁ ବର୍ଗର ବ୍ୟକ୍ତି ନିଃଶୁଳ୍କ ଆଇନ୍ ସେବା ପାଇପାରିବେ ଏହି ବିଷୟରେ ଆଲୋଚନା କରିବା ସହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ସ୍ୱଦେଶୀ ଚିନ୍ତାଧାରା ଓ ଆତ୍ମନିର୍ଭର ଭାରତ ଗଠନ ଉପରେ ଗୁରୁତ୍ୱ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ମହାନ ରାଷ୍ଟ୍ରଚିନ୍ତକ, ବିଚାରକ ତଥା ସ୍ୱଦେଶୀ ଆନ୍ଦୋଳନର ପ୍ରମୁଖ ପ୍ରେରଣାଦାତା ଦତ୍ତୋପନ୍ତ ଠେଙ୍ଗଡ଼ିଙ୍କ ଜୟନ୍ତୀ ସ୍ୱଦେଶୀ ଜାଗରଣ ମଞ୍ଚ, ବୌଦ୍ଧ ଜିଲ୍ଲା ପକ୍ଷରୁ ଉତ୍ସାହ ଓ ଶ୍ରଦ୍ଧାର ସହ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ସଭାରେ ସ୍ୱଦେଶୀ ଚିନ୍ତାଧାରା, ରାଷ୍ଟ୍ରୀୟ ଏକତା, ଆର୍ଥିକ ସ୍ୱାବଲମ୍ବନ ଓ ଆତ୍ମନିର୍ଭର ଭାରତ ଗଠନ ଉପରେ ଗୁରୁତ୍ୱ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ବୌଦ୍ଧ ନଗର ସଂଘଚାଳକ ଡ଼ଃ ସୁଦର୍ଶନ ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସ୍ୱଦେଶୀ ଜାଗରଣ ମଞ୍ଚ, ଓଡ଼ିଶା ପଶ୍ଚିମର ପ୍ରାନ୍ତ ପୂର୍ଣ୍ଣକାଳୀନ ଅଭୟ ପ୍ରସାଦ ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ ଦତ୍ତୋପନ୍ତ ଠେଙ୍ଗଡ଼ିଙ୍କ ଜୀବନୀ, ରାଷ୍ଟ୍ରୀୟ ଚିନ୍ତାଧାରା ଓ ସ୍ୱଦେଶୀ ଆନ୍ଦୋଳନରେ ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ମନୋରଞ୍ଜନ ଦାସ ଯୋଗଦେଇଥିଲେ । ଏହି ଅବସରରେ ଜିଲ୍ଲା ସଂଯୋଜକ କୃଷ୍ଣଚନ୍ଦ୍ର ସେଠୀ, ଜିଲ୍ଲା ମହିଳା ପ୍ରମୁଖ ଦୀପ୍ତିରାଣୀ ଷଡ଼ଙ୍ଗୀ ଓ ଜିଲ୍ଲା ପୂର୍ଣ୍ଣକାଳୀନ ଜିତେନ୍ଦ୍ର ପ୍ରଧାନ ମଞ୍ଚାସୀନ ରହିବା ସହ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ସଭାରେ ବହୁ ସଂଖ୍ୟାରେ ଯୁବକଙ୍କ ସମେତ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସ୍ୱୟଂସେବକ, ସେବିକା ସମିତିର ସଦସ୍ୟା ଏବଂ ସଂଘ ପରିବାରର ବିଭିନ୍ନ ସଂଗଠନର କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ । ଦେଶର ଅର୍ଥନୈତିକ ଓ ସାମାଜିକ ବିକାଶରେ ସ୍ୱଦେଶୀ ଉତ୍ପାଦର ବ୍ୟବହାର, ଦେଶୀୟ ଉଦ୍ୟୋଗର ପ୍ରୋତ୍ସାହନ ଏବଂ ଯୁବପିଢ଼ିଙ୍କ ମଧ୍ୟରେ ରାଷ୍ଟ୍ରୀୟ ଚେତନା ଜାଗ୍ରତ କରିବାର ଆବଶ୍ୟକତା ଉପରେ ମତ ପ୍ରକାଶ ପାଇଥିଲା ।ଶେଷରେ ଜିଲ୍ଲା ସଂଯୋଜକ କୃଷ୍ଣଚନ୍ଦ୍ର ସେଠୀ ସମସ୍ତ ଅତିଥି, କାର୍ଯ୍ୟକର୍ତ୍ତା ଓ ଉପସ୍ଥିତ ସହଯୋଗୀଙ୍କୁ ଧନ୍ୟବାଦ ଜଣାଇଥିଲେ ।

ପୂର୍ବତଟ ରେଳପଥ ରମ୍ପା ଇଞ୍ଜିନିୟରିଂ ୱାର୍କସପ୍‌ରେ ଶ୍ୟାମାକାଳୀ ପୂଜା ଭସାଣି ଉତ୍ସବ

ରମ୍ପା, ନ୍ୟୁଜ୍ ବ୍ୟୁରୋ

ଆଧ୍ୟତ୍ମିକ ପରିବେଶ ମଧ୍ୟରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ପୂର୍ବତଟ ରେଳପଥ ରମ୍ପା ଇଞ୍ଜିନିୟରିଂ ୱାର୍କସପ୍ ପୂଜା ମଣ୍ଡପରେ ସିନିୟର ସେକ୍ସନ୍ ଇଞ୍ଜିନିୟର ପୀତବାସ ଲେଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜା ଆକର୍ଷଣୀୟ ସୁଦୃଢ ତୋରଣ ସାଙ୍ଗକୁ ରଙ୍ଗବେରଙ୍ଗର ଆଲୋକ ମାଳା, ସନ୍ଧ୍ୟାରେ ମା' ବୁଢ଼ୀ ଠାକୁରାଣୀ ଅନାଥ ଭଜନ ସନ୍ଧ୍ୟା, ସଂକୀର୍ତ୍ତନ ପ୍ରଭୃତି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସାଙ୍ଗକୁ ଆୟୋଜନ ହୋଇଛି । ପୂଜା କମିଟି ପକ୍ଷରୁ ବସନ୍ତ ରେଡି (ସଭାପତି),



ରାମଚନ୍ଦ୍ର ପାତ୍ର (ସମ୍ପାଦକ), ରାମ ପାତ୍ର, ଗନ୍ଧର୍ବ ନାୟକ, ଅରୁଣ କୁମାର ନାୟକ ପ୍ରମୁଖ ବାଲୁଗାଁ ଠାରୁ ଗଞ୍ଜାମ ପର୍ଯ୍ୟନ୍ତ ନିମ୍ନସ୍ତର କର୍ମଚାରୀ ଠାରୁ ଉଚ୍ଚସ୍ତର ଅଫିସର ପର୍ଯ୍ୟନ୍ତ ତଥା ୧୭୫ ଷ୍ଟାଫ୍ ଉପରୋକ୍ତ ଶ୍ୟାମାକାଳୀ ପୂଜା କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିବା ପୀତବାସ ଲେଙ୍କା ପ୍ରକାଶ କରିଛନ୍ତି ।

ଜନତାଙ୍କୁ ମାଗଣା ଆଇନ୍ ସେବା ଯୋଗାଣ ଉପରେ ଆଲୋକପାତ

ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ

ଜାତୀୟ ଆଇନ୍ ସେବା ଦିବସ ଅବସରରେ ଚୌଦ୍ୱାରରେ ଆଇନ୍ ସେବା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନାଗରିକଙ୍କ ଆଇନ୍‌ଗତ ଅଧିକାର, ମାଗଣା ଆଇନ୍ ସହାୟତା, ବିବାଦର ସମାଧାନ ପାଇଁ ଲୋକ ଅଦାଲତ ଏବଂ ଆଇନ୍ ସେବା ପ୍ରାଧିକାଣ ଦ୍ୱାରା ଉପଲବ୍ଧ ବିଭିନ୍ନ ସେବା ସମ୍ପର୍କରେ ଜନସାଧାରଣଙ୍କୁ ସଚେତିତ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । କଟକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଓ ଉତ୍କଳ ସେବକ ସମାଜର ମିଳିତ ଆନୁକୂଲ୍ୟରେ ଚୌଦ୍ୱାର ଓଟିଏମ୍ କଲୋନୀ ସ୍ଥିତ ରାଧା ମୋହନ ଜିଉ ମନ୍ଦିର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଟକ ଆଇନ୍‌ସେବା ପ୍ରାଧିକରଣ ସଚିବ ଜଗଦୀଶ ଚନ୍ଦ୍ର ଜେନା ଯୋଗଦେଇ ପ୍ରାଧିକରଣର କାର୍ଯ୍ୟପ୍ରଣାଳୀ, ନ୍ୟାୟ ସଂଯୋଗ ଏବଂ ଜନସାଧାରଣଙ୍କୁ ମାଗଣା ଆଇନ୍‌ସେବା ପ୍ରଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ସମସ୍ୟା ସମୟରେ ଏହି ସେବା ପ୍ରାପ୍ତିପାଇଁ ଟୋଲ୍‌ଫ୍ରି ନମ୍ବର ୧୫୧୦୦ ମାଧ୍ୟମରେ ଯୋଗାଯୋଗ କରିବା ପାଇଁ ଉପସ୍ଥିତ ନାଗରିକ ମାନଙ୍କୁ ସେ ପରାମର୍ଶ ଦେଇଥିଲେ । ମାନବ ଚାଲାଣ ଓ ଯୌନ ଶୋଷଣର ଶୀକାର ବ୍ୟକ୍ତି ମାନଙ୍କ ପାଇଁ ନାଲ୍ସା ଯୋଜନା, ଆଇନ୍‌ଗତ ସହାୟତା ଓ ପୁନର୍ବାସ ସମ୍ପର୍କରେ ଉତ୍କଳ ସେବକ ସମ୍ପାଦକ ଅମୀୟ ଭୂଷଣ ବିଶ୍ୱାଳ ବିସ୍ତୃତ ଆଲୋଚନା କରିଥିଲେ । ପ୍ରାଧିକରଣର ଫ୍ରୁ ଅଫିସ୍ ରିଟେନର ପଙ୍କଜା ବାସିନୀ ମହାନ୍ତି ପ୍ରାଧିକରଣର ବିଭିନ୍ନ ସେବା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଇଂ ଅନ୍ନୟ ଅଭିନବ ସ୍ୱାଗତ ଭାଷଣ ପ୍ରଦାନ ସହିତ ମଞ୍ଚ ପରିଚାଳନା କରିଥିଲେ । ସ୍ଥାନୀୟ କାଉନସିଲର ବିନୋଦିନୀ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଏକ ସଚେତନତା ପଦଯାତ୍ରାର ଆୟୋଜନ କରାଯାଇଥିଲା ।

'ମତ୍ସ୍ୟ ଚାଷ ଓ ପ୍ରାଣୀପାଳନ ମାଧ୍ୟମରେ ଚାଷୀମାନଙ୍କୁ ଆତ୍ମନିର୍ଭରଶୀଳ କରାଯିବ'

ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ

ନବରଙ୍ଗପୁର ଜିଲ୍ଲା ଝରିଗାଁ ଠାରେ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ସଫଳତାର ସହ ସମ୍ପନ୍ନ ହୋଇଯାଇଛି । ମତ୍ସ୍ୟଚାଷ ଓ ପ୍ରାଣୀପାଳନ ମାଧ୍ୟମରେ ଚାଷୀମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଏବଂ ସେମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । କାର୍ଯ୍ୟକ୍ରମରେ ଝରିଗାଁ ବିଧାୟକ ନରସିଂହ ଭତରା, ସାଂସଦ ପ୍ରତିନିଧି ଚନ୍ଦ୍ରଭାନୁ ନାୟକ, ବିଧାୟକ ପ୍ରତିନିଧି ଗଣପତି ସାହୁ, ବିଡିଓ ମଧୁସୂଦନ ମାଝୀ, ବିଜେପି କୃଷକ ମୋର୍ଚ୍ଚା ସଭାପତି ଜଗଦୀଶ କଲାର, ବ୍ଲକ ଅଧ୍ୟକ୍ଷ ଦୁର୍ଗା ମାଝୀଙ୍କ ସମେତ ବିଭିନ୍ନ ବିଭାଗର ପ୍ରତିନିଧି, ବ୍ଲକ ପ୍ରଶାସନିକ ଅଧିକାରୀ ଓ ଶତାଧିକ ଚାଷୀ ଏବଂ ମତ୍ସ୍ୟଚାଷୀ ଯୋଗଦେଇଥିଲେ । ଅତିଥିମାନେ ବିଭିନ୍ନ ଷ୍ଟଲ୍ ବୁଲି ଦେଖିବା ସହ ମତ୍ସ୍ୟଚାଷ ଓ



ପ୍ରାଣୀସମ୍ପଦର ବିକାଶ ଏବଂ ସରକାରୀ ଯୋଜନାର ସୁଫଳ ତୃଣମୂଳସ୍ତରରେ ପହଞ୍ଚାଇବା ନେଇ ବିସ୍ତୃତ ଆଲୋଚନା କରିଥିଲେ । ଏହି ଅବସରରେ କୁକୁଡ଼ା, ଛେଳି ଓ ମାଛ ଚାଷୀମାନଙ୍କୁ ପ୍ରୋତ୍ସାହନ ରାଶି ଏବଂ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । କୁକୁଡ଼ା ଚାଷ ପାଇଁ ମମତା ମଞ୍ଜୁରୀ ପଣ୍ଡାଙ୍କୁ ୫୫ ଲକ୍ଷ ୨୦ ହଜାର ଟଙ୍କା, ଛେଳି ଚାଷୀଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କା ଏବଂ ମାଛ ଚାଷ ପାଇଁ ଚୁଟିଗୁଡ଼ା ଏସ୍‌ଏଚ୍‌ଜି ଗ୍ରୁପକୁ ୭ ଲକ୍ଷ ୨୦ ହଜାର ଟଙ୍କା ସହାୟତା ରାଶି ଦିଆଯାଇଥିଲା । ରାଜ୍ୟ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ 'ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା' (MMKY) ଜରିଆରେ ରାଜ୍ୟର ୫୦ ହଜାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ୩ ଲକ୍ଷ ମତ୍ସ୍ୟଚାଷୀଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ସହ ୭ ଲକ୍ଷରୁ ଊର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାର ଲକ୍ଷ୍ୟ ରହିଛି । ଏହି ଯୋଜନା ଗ୍ରାମାଞ୍ଚଳର ଯୁବବର୍ଗ ଓ ମହିଳାମାନଙ୍କ ପାଇଁ ଆତ୍ମନିର୍ଭରଶୀଳତାର ନୂତନ ଦିଗ ଉନ୍ମୁକ୍ତ କରିବ ବୋଲି ଆଶା ପ୍ରକାଶ ପାଇଛି ।

ବାଲାଶ୍ରମ ଝିଅ ରାଜ୍ୟ ସ୍ତରରେ ପୁରସ୍କୃତ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ବାଲାଶ୍ରମ ଝିଅ ରାଜ୍ୟସ୍ତରରେ ପୁରସ୍କୃତ । ଶିଶୁ ଯତ୍ନ ଅନୁଷ୍ଠାନ ଓ ବାଲାଶ୍ରମ ମାନଙ୍କର ଅଧିବାସୀ ମାନଙ୍କୁ ନେଇ କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ରାଜ୍ୟ ସ୍ତରୀୟ ଶିଶୁ ମହୋତ୍ସବ ମହକ ଉତ୍ସାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଆୟୋଜିତ ରାଜ୍ୟ କେରମ୍ ପ୍ରତିଯୋଗିତାରେ ସୁବର୍ଣ୍ଣପୁର ଉତ୍କଳ ବାଲାଶ୍ରମର ଝିଅ ଝିଲି ଥନାପତି ସାରା ରାଜ୍ୟରେ ଦ୍ୱିତୀୟ ସ୍ଥାନରେ ପୁରସ୍କୃତ ହୋଇଛନ୍ତି । ଏହି ଅବସରରେ ଜିଲ୍ଲାପାଳ ଦେବାଶିଷ ସିଂହ ଝିଲି ଥନାପତିକୁ ପୁଷ୍ପଗୁଚ୍ଛ ଦେବା ସହ ଶୁଭେଚ୍ଛା ଜଣାଇଛନ୍ତ । ଛାତ୍ରୀର ଉତ୍ତରୋତ୍ତର ସଫଳତା କାମନା କରିଛନ୍ତି ।



ଜିଲ୍ଲାପାଳଙ୍କୁ ସାକ୍ଷାତ କରିବା ସମୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ, ବାଲାଶ୍ରମ ଅଧିକାରୀଣୀ ସୁଜାତା ବେହେରା, ଶିକ୍ଷୟିତ୍ରୀ ଶୋଭାଗିନୀ ରାଜହଂସ, ଶିଶୁ ସୁରକ୍ଷା ବିଭାଗର ସହାୟକ ଜିତେନ୍ଦ୍ର ମଣ୍ଡଲ, ଅନିଲ ମହଲା, ଭାସ୍କର ଦାଶ, ମୃତ୍ୟୁଞ୍ଜୟ ସାହୁ ଉପସ୍ଥିତ ଥିଲେ ।

ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ଫେଡେରେସନ୍‌ରେ ଯୋଗଦେଲେ ଶତାଧିକ ଠିକା କର୍ମଚାରୀ

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ଜଗତସିଂହପୁର ବ୍ଲକ ଅନ୍ତର୍ଗତ ନବାପାଟଣା ସ୍ଥିତ ଚିତ୍ରକୁଟ ଆଶ୍ରମ ପରିସରରେ ଓଡ଼ିଶା ରାଜ୍ୟ ବିଦ୍ୟୁତ କର୍ମଚାରୀ ଫେଡେରେସନ୍‌ରେ ଶତାଧିକ ବିଦ୍ୟୁତ୍ ଠିକା କର୍ମଚାରୀମାନେ ଯୋଗଦାନ କରିଥି

32 YEARS
ସମ୍ବାଦ ଜହ୍ନିକା
ଭୁବନେଶ୍ୱର, ୧୩ ନଭେମ୍ବର ୨୦୨୬ ଶୁକ୍ରବାର



ଭାଷା, ସଂସ୍କୃତି ଓ ନୈତିକ ଶିକ୍ଷା ଉପରେ ଗୁରୁତ୍ୱ

ଖପ୍ରାଖୋଲ, ନ୍ୟୁଜ୍ ବ୍ୟୁରୋ

ବଲାଙ୍ଗୀର ଜିଲ୍ଲା ପାଟଣାଗଡ ଉପଖଣ୍ଡ ଖପ୍ରାଖୋଲ ବ୍ଲକ ଫୁଲକିମୁଣ୍ଡା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅଖିଳ ଭାରତ ଅମୃତ ବାଣୀ ସେବା ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ସଂସ୍କୃତ ସମ୍ଭାଷଣ ଶିବିରର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋପାଳ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂସ୍କୃତ ଭାଷାର ଐତିହାସିକ ଗୁରୁତ୍ୱ ଓ ଭାରତୀୟ ସଂସ୍କୃତିରେ ଏହାର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର, ଲାଠୋର ଥାନା ଅଧିକାରୀ ଅଭିନାଶ ପଧାନ, ଜିଲ୍ଲା ସଂଯୋଜକ ନବକିଶୋର ନନ୍ଦ, ପ୍ରଧାନ ଶିକ୍ଷକ ସୁଶାନ୍ତ ଦାସ, ବିଧାୟକ ପ୍ରତିନିଧି ପଦ୍ମନ ସିଂ ବରିହାଙ୍କ ସମେତ ଅନ୍ୟମାନେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାଷା, ସଂସ୍କୃତି, ଶୃଙ୍ଖଳା ଓ ନୈତିକ ଶିକ୍ଷାର ଗୁରୁତ୍ୱ ଉପରେ ମତ ରଖିଥିଲେ । ଏହି ଅବସରରେ ପ୍ରତିଷ୍ଠାନର ମହାସଚିବ ଜୟପ୍ରକାଶ ଶାସ୍ତ୍ରୀ ଅତିଥି ପରିଚୟ ପ୍ରଦାନ ସହ ଶିବିରର ଉଦ୍ଦେଶ୍ୟ ବିଷୟରେ କହିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ଏଥିସହ ବିଦ୍ୟାଳୟର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଗାମୀ ରୌପ୍ୟ ଜୟନ୍ତୀ ସମାରୋହର ଲୋଗୋ ଉନ୍ମୋଚନ କରାଯାଇଥିଲା । ଶେଷରେ ବରିଷ୍ଠ ଶିକ୍ଷକ ଭୁବନେଶ୍ୱର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ ।





୭୦ଟି ମେଢ଼ରେ ଝଲସିଲା କଟକର କାଳୀପୂଜା ଭସାଣି ଶୋଭାଯାତ୍ରା:୬୫ ପ୍ଲାଟୁନ୍ ପୋଲିସ ମୁତୟନ

କଟକ, ନ୍ୟୁଜ୍ ବ୍ୟୁରୋ

ଐତିହାସିକ କଟକ ସହରର ପାରମ୍ପରିକ କାଳୀପୂଜା ଭସାଣି ଉତ୍ସବ ଆନନ୍ଦ ଓ ଉତ୍ସାହର ସହ ଅନୁଷ୍ଠିତ ହୋଇଯାଇଛି । ସହରର ବିଭିନ୍ନ ସାହି ଓ ପୂଜା ମଣ୍ଡପରେ ପୂଜା ପାଉଥିବା ମା' କାଳୀଙ୍କ ୭୦ଟି ମେଢ଼କୁ ନେଇ ଆୟୋଜିତ ହୋଇଥିଲା ଭବ୍ୟ ଭସାଣି ଶୋଭାଯାତ୍ରା । ପାରମ୍ପରିକ ରୀତିନୀତି ଅନୁଯାୟୀ ସମସ୍ତ ମେଢ଼କୁ ପୁରୀ ଘାଟ ସ୍ଥିତ ଦେବୀଗଡ଼ାରେ ବିସର୍ଜନ କରିବା ପାଇଁ ବ୍ୟବସ୍ଥା କରାଯାଇଥିଲା । କାଳୀ ପୂଜାର ଅନ୍ତିମ ପର୍ବ ଭସାଣି ଉତ୍ସବକୁ ନେଇ ସକାଳୁ ସହରର ବିଭିନ୍ନ ପୂଜା ମଣ୍ଡପରେ ଚଳଚଞ୍ଚଳ ପରିବେଶ ସୃଷ୍ଟି ହୋଇଥିଲା । ମା'ଙ୍କୁ ବିଦାୟ ଦେବା ପାଇଁ ପୂଜା କମିଟିର ସଦସ୍ୟମାନେ ଶେଷ ପର୍ଯ୍ୟାୟ ପ୍ରସ୍ତୁତିରେ ଲାଗିପଡ଼ିଥିଲେ । ନିଜ ନିଜ ସାହିରୁ ସୁସଜ୍ଜିତ ମେଢ଼ ଓ ପ୍ରତିମାକୁ ନେଇ ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ ବିଭିନ୍ନ ପୂଜା କମିଟି । ଦୀର୍ଘଦିନର ପରମ୍ପରା ଓ ଭକ୍ତିଭାବ ସହ ଜଡ଼ିତ ଏହି ଭସାଣି ଉତ୍ସବ କଟକର ଧାର୍ମିକ ଓ ସାଂସ୍କୃତିକ ପରିଚୟକୁ ପ୍ରତିଫଳିତ କରିଥାଏ । ଅନ୍ୟପକ୍ଷରେ, ମେଢ଼ଗୁଡ଼ିକର ସୁବିଧାଜନକ ଓ ସୁରକ୍ଷିତ ବିସର୍ଜନ ପାଇଁ ପ୍ରଶାସନ ପକ୍ଷରୁ କାଠଯୋଡ଼ି ନଦୀରେ ପୂର୍ବରୁ କୃତ୍ରିମ ପୋଖରୀ ପ୍ରସ୍ତୁତ କରାଯାଇଥିଲା । ପୁରୀଘାଟ ଦେବୀଗଡ଼ାରେ ପ୍ରତିମା ବିସର୍ଜନ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା ଲାଗି ଆବଶ୍ୟକୀୟ ବ୍ୟବସ୍ଥା ହୋଇଥିଲା । ଏଥିପାଇଁ ପୂଜା କମିଟିଗୁଡ଼ିକୁ ମଧ୍ୟ ପୂର୍ବରୁ ପ୍ରସ୍ତୁତ ରହିବାକୁ ଦେଖିବାକୁ ମିଳିଥିଲା । ଭସାଣି ଶୋଭାଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ସମଗ୍ର କଟକ ସହରରେ ୬୫ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । ଶୋଭାଯାତ୍ରାର ଗତିବିଧି, ବିଭିନ୍ନ ରାସ୍ତାରେ ଭିଡ଼ ନିୟନ୍ତ୍ରଣ ଏବଂ ବିସର୍ଜନସ୍ଥଳର ସୁରକ୍ଷା ଉପରେ ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନଜର ରଖାଯାଇଥିଲା । କଟକ ଡିସିପି ନିଜେ ଭସାଣି ଶୋଭାଯାତ୍ରାର ସୁରକ୍ଷା ଓ ପରିଚାଳନା ବ୍ୟବସ୍ଥାର ତଦାରଖ କରିଥିଲେ । ଦୁର୍ଗାପୂଜା ଭସାଣି ଭଳି କାଳୀପୂଜା ଭସାଣି ମଧ୍ୟ ଯେପରି ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ ହୁଏ, ସେଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ପୂର୍ବରୁ ଯୋଜନାବଦ୍ଧ ପ୍ରସ୍ତୁତି କରାଯାଇଥିଲା । ମୋଟାମୋଟି ଭାବେ ୭୦ଟି ମେଢ଼ର ବିସର୍ଜନକୁ ନେଇ କଟକର ପାରମ୍ପରିକ କାଳୀପୂଜା ଭସାଣି ଉତ୍ସବ ସହରର ଧାର୍ମିକ ଓ ସାଂସ୍କୃତିକ ମହତ୍ତ୍ୱକୁ ପୁଣିଥରେ ଉଜାଗର କରିଛି । ବ୍ୟାପକ ପୋଲିସ ମୁତୟନ ଓ ପ୍ରଶାସନିକ ପ୍ରସ୍ତୁତି ମଧ୍ୟରେ ମା'ଙ୍କୁ ବିଦାୟ ଦେବା ପାଇଁ ସହରରେ ଭସାଣି ଉତ୍ସବ ଆୟୋଜିତ ହୋଇଥିଲା ।

ଏକୀକୃତ ପେନ୍‌ସନ୍ ପରିଚାଳନା ପୋର୍ଟାଲ୍ ଶୁଭାରମ୍ଭ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ନୂତନ ଟାଉନ୍ ହଲ୍‌ରେ ଜିଲ୍ଲାସ୍ତରୀୟ ପେନ୍‌ସନ୍ ବନ୍ଧନ ସମାରୋହ ଆୟୋଜିତ ହୋଇଯାଇଛି । ରାଜ୍ୟ ସରକାର ଗରିବ, ବୃଦ୍ଧବୃଦ୍ଧା, ବିଧବା ଓ ଭିନ୍ନକ୍ଷମମାନଙ୍କ ସମ୍ମାନଜନକ ଜୀବନଧାରଣ ପାଇଁ ପ୍ରତିଶ୍ରୁତିବଦ୍ଧ । ମଧୁବାବୁ ପେନ୍‌ସନ୍ ପାଇବା ପାଇଁ ଯୋଗ୍ୟ ନାଗରିକଙ୍କୁ ଆଉ କୌଣସି କାର୍ଯ୍ୟାଳୟ ଦୌଡ଼ିବାକୁ ପଡ଼ିବନାହିଁ । ଯୋଗ୍ୟ ହିତାଧିକାରୀ ଏକୀକୃତ ପେନ୍‌ସନ୍ ପରିଚାଳନା ପୋର୍ଟାଲ/ୟୁନିଫାଏଡ୍ ପେନ୍‌ସନ୍ ମ୍ୟାନେଜ୍‌ମେଣ୍ଟ ପୋର୍ଟାଲ୍' (UPMP) ଜରିଆରେ ଆବେଦନ କଲେ ଏକ ମାସ ମଧ୍ୟରେ ଭତ୍ତା ମଞ୍ଜୁର କରାଯିବ ଏବଂ ଏଥିରେ କୌଣସି ପ୍ରକାର ବିଳମ୍ବ କରାଯିବ ନାହିଁ । ବୟସ ୬୦ ବର୍ଷ ଛୁଇଁବା ମାତ୍ରେ UPMP ଜରିଆରେ ସ୍ୱଚ୍ଛ ଭାବେ ସିଧାସଳଖ ଭତ୍ତା ମିଳିବ ବୋଲି ସୁବର୍ଣ୍ଣପୁର ନୂତନ ଟାଉନ୍‌ହଲ୍‌ରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ ଯେ ମଧୁବାବୁ ପେନ୍‌ସନ୍ ଯୋଜନାରେ



ସୁବର୍ଣ୍ଣପୁର ଜିଲ୍ଲାରେ ୫,୦୬୨ ଜଣ ନୂତନ ହିତାଧିକାରୀଙ୍କୁ ସାମିଲ କରାଯାଇଛି । ରାଜ୍ୟରେ ଆବେଦନ କରିଥିବା ପ୍ରାୟ ୭ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ମଧ୍ୟରୁ ୫ ଲକ୍ଷରୁ ଅଧିକଙ୍କୁ ଅନୁମୋଦନ ଦିଆଯାଇଛି । ଯେଉଁମାନଙ୍କର ଆଧାର କିମ୍ବା ବ୍ୟାଙ୍କ ଖାତା ଜନିତ ବୈଷୟିକ (Technical) ତ୍ରୁଟି ରହିଛି, ସରକାର ତାହାର ସମାଧାନ କରୁଛନ୍ତି ଏବଂ ସେମାନେ ମଧ୍ୟ ନିଶ୍ଚିତ ଭାବେ ପେନ୍‌ସନ୍ ପାଇବେ । ହିତାଧିକାରୀମାନଙ୍କୁ ଅକ୍ଟୋବର ଏବଂ ନଭେମ୍ବର, ଏହି ଦୁଇ ମାସର ଭତ୍ତା ପ୍ରଦାନ କରାଯାଇଛି । ପ୍ରାୟ ୬୦୦ ଜଣ ହିତାଧିକାରୀ ପେନ୍‌ସନ୍ ପାଇଛନ୍ତି । ଆସନ୍ତା ଡିସେମ୍ବର ମାସରୁ ପ୍ରତି ମାସର ୧୫ ତାରିଖରେ ଭତ୍ତା ନିୟମିତ ଭାବେ ପ୍ରଦାନ କରାଯିବ । ଯେଉଁ ଅସହାୟ ବୟସ୍କ ଲୋକଙ୍କର ଶାରୀରିକ ଅସୁସ୍ଥତା କିମ୍ବା ବାୟୋମେଟ୍ରିକ୍ (ଆଙ୍ଗୁଠି ଚିହ୍ନ/ଆଖି ସ୍କାନ୍) ସମସ୍ୟା ରହିଛି, ସରକାରୀ ପ୍ରତିନିଧି ସିଧାସଳଖ ସେମାନଙ୍କ ଘରେ ପହଞ୍ଚି ନଗଦ ଅର୍ଥ ପ୍ରଦାନ କରିବେ । ବୟସ ୮୦ ବର୍ଷ ଅତିକ୍ରମ କରିଥିବା ପ୍ରତ୍ୟେକ ବରିଷ୍ଠ ନାଗରିକଙ୍କୁ ମାସିକ ୩,୫୦୦ ଟଙ୍କା ଲେଖାଏଁ ପେନ୍‌ସନ୍ ରାଶି ମିଳିବ । ପେନ୍‌ସନ୍ ବା ଆବାସ ଯୋଜନା ପାଇଁ କାହାକୁ ଗୋଟିଏ ନୂଆ ପଇସା ବି ଲାଞ୍ଚ ନଦେବାକୁ ଉପମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଏବଂ ବ୍ୟବସ୍ଥାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ବଜାୟ ରଖିବାକୁ ଅଧିକାରୀମାନଙ୍କୁ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ସାଂସଦ ସଙ୍ଗୀତା ସିଂହଦେଓ, ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ସୁବର୍ଣ୍ଣପୁର ଜିଲ୍ଲାପାଳ ଦେବାଶିଷ ସିଂହଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ, ସମାଜସେବୀ ଏବଂ ହଜାର ହଜାର ହିତାଧିକାରୀ ଉପସ୍ଥିତ ଥିଲେ । ସମସ୍ତ କାର୍ଯ୍ୟକ୍ରମ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା ଏବଂ ଜିଲ୍ଲା ପ୍ରଶାସନର ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ ।

ବୌଦ୍ଧ ଜିଲ୍ଲା ପରିଷଦ ବୈଠକ | ସାମୂହିକ ପ୍ରୟାସରେ ଜିଲ୍ଲାର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ସ୍ଥିତ ପଞ୍ଚାୟତ ଭବନ ସମ୍ମିଳନୀ କକ୍ଷରେ ୨୦୨୬-୨୭ ଆର୍ଥିକ ବର୍ଷର ଦ୍ୱିତୀୟ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସଙ୍କ ସଭାପତିତ୍ୱରେ ଏବଂ ଜିଲ୍ଲାପାଳ ତଥା ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୂତି ଭୂଷଣ ନାୟକଙ୍କ ଆବାହକତ୍ୱରେ ଏହି ବୈଠକ ଆୟୋଜିତ ହୋଇଥିଲା । ଏହି ବୈଠକରେ ବୌଦ୍ଧ ବିଧାୟକ ତଥା ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଏବଂ କଣ୍ଟାମାଳ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ କହ୍ନାଇ ଚରଣ ଡାଙ୍ଗ ଯୋଗଦେଇ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ ଯୋଜନା ଓ କାର୍ଯ୍ୟର ସମୀକ୍ଷା କରିଥିଲେ । ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ ଜନପ୍ରତିନିଧି ଓ ପ୍ରଶାସନ ମଧ୍ୟରେ ଉତ୍ତମ ସମନ୍ୱୟ ରହିବା ସହ ସମସ୍ତେ ମିଳିମିଶି କାର୍ଯ୍ୟ କରିବା ଉପରେ ଉଭୟ ବିଧାୟକ ଗୁରୁତ୍ୱାରୋପ କରିଥିଲେ । ବୈଠକରେ କନ୍ଧମାଳ ସାଂସଦଙ୍କ ପ୍ରତିନିଧି ଯୁଗଳ କିଶୋର ସାମଲ, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଜୟରୁଧର କହାଁର, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ଜିଲ୍ଲାର ତିନୋଟି ବ୍ଲକର ଅଧ୍ୟକ୍ଷ ଓ ଅଧିକ୍ଷା, ଜିଲ୍ଲା ପରିଷଦର ସମସ୍ତ ସଭ୍ୟସଭ୍ୟା, ଏପିଡି ଯଦୁମଣି ନାୟକ, ସମସ୍ତ ବିଡିଓ ଏବଂ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ବୈଠକରେ ପ୍ରଥମେ ପୂର୍ବ ବୈଠକରେ ଗୃହୀତ ନିଷ୍ପତ୍ତି ଓ ଦିଆଯାଇଥିବା ନିର୍ଦ୍ଦେଶଗୁଡ଼ିକର ଅନୁପାଳନ ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ପୂର୍ବ ବୈଠକର ବିବରଣୀ ସମସ୍ତ ବିଭାଗକୁ ଠିକ୍ ସମୟରେ ପଠାଇବା, ନିର୍ଦ୍ଧାରିତ ସମୟ ମଧ୍ୟରେ ଅନୁପାଳନ ରିପୋର୍ଟ ଦାଖଲ କରିବା ଏବଂ ଗୃହରେ ନିଆଯାଇଥିବା ନିଷ୍ପତ୍ତିଗୁଡ଼ିକୁ ତୁରନ୍ତ କାର୍ଯ୍ୟକାରୀ କରିବା ଉପରେ ଅଧ୍ୟକ୍ଷା ଗୁରୁତ୍ୱ ଦେଇଥିଲେ । ଏଥିରେ ଅବହେଳା କରୁଥିବା ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଆବଶ୍ୟକ ଦୃଢ଼ ପଦକ୍ଷେପ ନେବାକୁ ମଧ୍ୟ ମତ ପ୍ରକାଶ ପାଇଥିଲା । ଏହାପରେ ପଞ୍ଚଦଶ କେନ୍ଦ୍ର ଅର୍ଥ କମିଶନ ଓ ପଞ୍ଚମ ରାଜ୍ୟ ଅର୍ଥ କମିଶନ ଅନୁଦାନ, ଜିଲ୍ଲା ପଞ୍ଚାୟତ ବିକାଶ ଯୋଜନା (ଡିପିଡିପି), ପଞ୍ଚାୟତିରାଜ ବିଭାଗ ସମେତ ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ଓ ଯୋଜନାର ଅଗ୍ରଗତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । କୃଷି, ଉଦ୍ୟାନକୃଷି, ମତ୍ସ୍ୟ ଓ ପଶୁପାଳନ, ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ, ମହିଳା ଓ ଶିଶୁ ବିକାଶ, ଅଙ୍ଗନବାଡ଼ି କେନ୍ଦ୍ର ପରିଚାଳନା, ସମାଜ କଲ୍ୟାଣ, ସମବାୟ, ଶ୍ରମ, ଜଙ୍ଗଲ ଓ ପରିବେଶ, ପାନୀୟ ଜଳ ଯୋଗାଣ, ପୂର୍ତ୍ତ ଏବଂ ଗ୍ରାମ୍ୟ ଉନ୍ନୟନ ଆଦି ବିଭାଗର ଅଧିକାରୀମାନେ ନିଜ ନିଜ ବିଭାଗରେ ଚାଲିଥିବା ବିଭିନ୍ନ ଜନକଲ୍ୟାଣମୂଳକ ଓ ଉନ୍ନୟନମୂଳକ କାର୍ଯ୍ୟର ପ୍ରଗତି ବିବରଣୀ ଉପସ୍ଥାପନ କରିଥିଲେ ।



ତମାଖୁ ମୁକ୍ତ ଯୁବ ଅଭିଯାନ:ନିଶାମୁକ୍ତ ସମାଜ ଗଠନ ପାଇଁ ଆହ୍ୱାନ

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ଯୁବପିଢ଼ି ହେଉଛନ୍ତି ଦେଶର ଭବିଷ୍ୟତ ଓ ସମାଜର ପ୍ରଗତିର ପ୍ରକୃତ ସାରଥୀ । ସେମାନଙ୍କ ଜୀବନରେ ସୁସ୍ଥତା, ସଚେତନତା ଓ ଉଜ୍ଜ୍ୱଳ ଭବିଷ୍ୟତର ସ୍ୱପ୍ନ ଭରିଦେବା ଉଦ୍ଦେଶ୍ୟରେ ଜଗତସିଂହପୁର ଜିଲ୍ଲାରେ ୨୦୨୬-୨୦୨୭ ବର୍ଷ ପାଇଁ ତମାଖୁ ମୁକ୍ତ ଯୁବ ଅଭିଯାନ ୪.୦ର ସ୍ୱାମୀ ବିବେକାନନ୍ଦ ସ୍ନାତକୀ ମହାବିଦ୍ୟାଳୟ, ଜଗତସିଂହପୁରର ସଭା ଗୃହରେ ଆନୁଷ୍ଠାନିକ ଶୁଭାରମ୍ଭ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଡାକ୍ତର ସ୍ମିତାମୟୀ ମହାନ୍ତି ଏହି ସଚେତନତାମୂଳକ ଅଭିଯାନର ଶୁଭାରମ୍ଭ କରି ଏକ ସୁସ୍ଥ, ସୁନ୍ଦର ଓ ନିଶାମୁକ୍ତ ସମାଜ ଗଠନ ପାଇଁ ସମସ୍ତଙ୍କୁ ଏକଜୁଟ୍ ହେବାକୁ ଆହ୍ୱାନ୍ ଦେଇଥିଲେ । ଏହି ଅବସରରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲାମୁଖ୍ୟ ଚିକିତ୍ସାଳୟର ଅଧିକ୍ଷକ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ), ଜିଲ୍ଲାସ୍ତରୀୟ ଅନ୍ୟ ବିଭାଗର ଅଧିକାରୀଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଏବଂ ସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଅଭିଯାନକୁ ସଫଳ କରିବା ପାଇଁ ନିଜର ସହଭାଗିତା ପ୍ରକାଶ କରିଥିଲେ । ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ନିଜ ବକ୍ତବ୍ୟରେ ତମାଖୁ ଓ ବିଭିନ୍ନ ନିଶାଦ୍ରବ୍ୟର ଭୟାବହ କୁପ୍ରଭାବ ସମ୍ପର୍କରେ ଯୁବପିଢ଼ିଙ୍କୁ ସଚେତନ କରିବା ସହ ଏହି ନିଶା କିପରି ମଣିଷର ଶାରୀରିକ ସୁସ୍ଥତା, ମାନସିକ ଶାନ୍ତି, ପାରିବାରିକ ସମ୍ପର୍କ ଓ ସାମାଜିକ ଜୀବନକୁ ପ୍ରଭାବିତ କରେ, ସେଥିପ୍ରତି ସମସ୍ତଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ । ବିଶେଷକରି ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଭିନ୍ନ ଯୁବ ସଂଗଠନକୁ ଏହି ଅଭିଯାନର ମୁଖ୍ୟ ମାଧ୍ୟମ କରି ଛାତ୍ରଛାତ୍ରୀ ଓ ଯୁବ ସମାଜ ମଧ୍ୟରେ ବ୍ୟାପକ ସଚେତନତା ସୃଷ ଟି କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । କାରଣ ନିଶାମୁକ୍ତ ଯୁବ ସମାଜ ହିଁ ଏକ ସୁସ୍ଥ ପରିବାର, ସୁସ୍ଥ ସମାଜ ଓ ସମୃଦ୍ଧ ରାଷ୍ଟ୍ରର ମୂଳଦୁଆ । ଅଭିଯାନର ଶେଷ ପର୍ଯ୍ୟାୟରେ ଉପସ୍ଥିତ ସମସ୍ତ ଅତିଥି, ଅଧିକାରୀ ଓ କର୍ମଚାରୀ ନିଜେ ତମାଖୁ ଓ ନିଶାଦ୍ରବ୍ୟ ଠାରୁ ସଦାସର୍ବଦା ଦୁରେଇ ରହିବା ସହ ଅନ୍ୟମାନଙ୍କୁ ଏହାର କୁପରିଣାମ ବିଷୟରେ ସଚେତନ କରାଇବାକୁ ଶପଥ ଗ୍ରହଣ କରିଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ କୁଇଜ୍ ପ୍ରତିଯୋଗିତା କରାଯାଇଥିଲା । ଏହି ଅଭିଯାନ କେବଳ ଏକ ସରକାରୀ କାର୍ଯ୍ୟକ୍ରମରେ ସୀମିତ ନରହି ପ୍ରତ୍ୟେକ ଯୁବକଙ୍କ ମନରେ ସୁସ୍ଥ ଜୀବନର ସଂକଳ୍ପ ଜାଗ୍ରତ କରିବା ସହ ଜଗତସିଂହପୁର ଜିଲ୍ଲାକୁ ଏକ ନିଶାମୁକ୍ତ ଜିଲ୍ଲା ଭାବେ ଗଢ଼ିତୋଳିବାରେ ଏକ ନୂତନ ଦିଗନ୍ତ ସୃଷ୍ଟି କରିବ ବୋଲି ଆଶା ପ୍ରକାଶ ପାଇଛି । ଏହି କାର୍ଯ୍ୟକ୍ରମକୁ ଏ.ଏମ୍.ଏନ୍.ସିତି ସୁଜାତା କବି ପରିଚାଳନା କରିଥିବା ବେଳେ ଡାଟା ମ୍ୟାନେଜର ପ୍ରଭାସ କୁମାର ବେହେରା ସହାୟତା କରିଥିଲେ । ଶେଷରେ ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ସୁବ୍ରତ କୁମାର ମହାପାତ୍ର ସମସ୍ତ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।



ରାଜସ୍ୱ ମନ୍ତ୍ରୀଙ୍କ ଜିଲ୍ଲା ଓକିଲ ସଂଘ ପରିଦର୍ଶନ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କେନ୍ଦ୍ରାପଡା ଗସ୍ତରେ ଏକ କାର୍ଯ୍ୟରେ ଆସିଥିବାବେଳେ ଜିଲ୍ଲା ଓକିଲ ସଂଘ ପରିଦର୍ଶନ କରିଥିଲେ । ତାଙ୍କର ଏହି ପରିଦର୍ଶନ ସମୟରେ ମହାକାଳପଡା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ଓକିଲ ସଂଘ ସଭାପତି ରବିନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜନ କରାଯାଇଥିଲା । ପୂର୍ବତନ ଓକିଲ ସଂଘ ସଭାପତି ଦୁର୍ଯ୍ୟୋଧନ

ପକ୍ଷାତ୍ତରୀୟ
32 YEARS
ସମ୍ବାଦ କଲିକା

ଭାରତର ଅର୍ଥନୈତିକ ଅଭିବୃଦ୍ଧିକୁ ଅଟକାଇ ପାରିଲାନି ଇରାନ ଯୁଦ୍ଧ

ମୁଡିଜ୍ ରେଟିଂସ୍ ୨୦୨୬ ଆର୍ଥିକ ବର୍ଷ ପାଇଁ ଭାରତର ଆର୍ଥିକ ଅଭିବୃଦ୍ଧି ପୂର୍ବାନୁମାନକୁ ୬.୫% ରୁ ୭%କୁ ବୃଦ୍ଧି କରିଛି । ଏହା ପଛରେ ସାମଗ୍ରିକ ଅର୍ଥନୈତିକ ଶକ୍ତି, ଘରୋଇ ବ୍ୟବହାରରେ ବୃଦ୍ଧି, ଉନ୍ନତ ନିବେଶ କାର୍ଯ୍ୟକଳାପ ଏବଂ ଇରାନ ଯୁଦ୍ଧ ଯୋଗୁଁ ଶକ୍ତି ଯୋଗାଣ ଆଘାତ ସହ୍ୟ କରିବାର ଅର୍ଥନୀତିର କ୍ଷମତା । ରେଟିଂ ଏଜେନ୍ସି କହିଛି ଯେ, ଭାରତ ଉଚ୍ଚ ଶକ୍ତି ମୂଲ୍ୟ ସହିତ ଆଶାଠାରୁ ଭଲ ଭାବରେ ତାଳମେଳ କରିଛି । ଭାରତର ଅଶୋଧିତ ତୈଳ ଏବଂ ପ୍ରାକୃତିକ ଗ୍ୟାସ ଯୋଗାଣ ଉତ୍ସଗୁଡ଼ିକୁ ବିବିଧ କରିବା ଏବଂ ଗ୍ରାହକ ମାନଙ୍କ ଉପରେ ତୁରନ୍ତ ପ୍ରଭାବକୁ ସୀମିତ କରିବାର କ୍ଷମତା ଦ୍ୱାରା ଏହା ସହଜ ହୋଇଛି । ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ଗୁଡ଼ିକ ଏବଂ ଟିକସ ହ୍ରାସ ପରିବାର ଏବଂ ବ୍ୟବସାୟ ଗୁଡ଼ିକୁ ଶକ୍ତି ମୂଲ୍ୟ ଆଘାତରୁ ରକ୍ଷା କରିବାରେ ସାହାଯ୍ୟ କରିଛି । ମୁଡିଜ୍ କହିଛି ଯେ, ଶକ୍ତିଶାଳୀ ବ୍ୟବହାର, ନିବେଶରେ ସୁଧାର ଏବଂ ଦୃଢ଼ ସାମଗ୍ରିକ ଅର୍ଥନୈତିକ ମୌଳିକ ତତ୍ତ୍ୱ ଭାରତକୁ ମଧ୍ୟମ ଅବଧିରେ ପ୍ରାୟ ୭% ଅଭିବୃଦ୍ଧି ହାର ବଜାୟ ରଖିବାକୁ ସକ୍ଷମ କରିବ । ଏହି ସଂଶୋଧିତ ଆକଳନ ଏପରି ଏକ ସମୟରେ ଆସିଛି ଯେତେବେଳେ ଭାରତର ଅର୍ଥନୀତି ଏପ୍ରିଲ-ଜୁନ୍ ତ୍ରୈମାସିକରେ ବାର୍ଷିକ ୭.୮% ଅଭିବୃଦ୍ଧି ରେକର୍ଡ କରିଛି, ଯାହା ବଜାର ଆଶାଠାରୁ ବହୁତ ଅଧିକ । ନିବେଶରେ ବୃଦ୍ଧି ଏବଂ ଦୃଢ଼ ଉତ୍ପାଦନ କାର୍ଯ୍ୟକଳାପ, ଦୃଢ଼ ଗ୍ରାହକ ଚାହିଦା ସହିତ, ବାହ୍ୟ ଆର୍ଥିକ ଚାପ ସତ୍ତ୍ୱେ ଅଭିବୃଦ୍ଧିକୁ ସମର୍ଥନ କରିଛି । ମୁଡିଜ୍ ଅନୁଯାୟୀ, ଅନେକ ଅର୍ଥନୈତିକ ସୂଚକ ସୂଚାଇଛି ଯେ, ଭାରତ ବ୍ୟକ୍ତିଗତ ପୁଞ୍ଜି ଖର୍ଚ୍ଚର ଏକ ନୂତନ ଚକ୍ର ଆଡକୁ ଗତି କରୁଛି । ପୁଞ୍ଜି ସାମଗ୍ରୀ ଉତ୍ପାଦନ ଏବଂ ଆମଦାନୀରେ ଶକ୍ତି, ଶିଳ୍ପ ଋଣରେ ବୃଦ୍ଧି ଏବଂ କ୍ଷମତା ବ୍ୟବହାରରେ ବୃଦ୍ଧି ନିବେଶ ଚାହିଦାରେ ପୁନରୁଦ୍ଧାରକୁ ସୂଚିତ କରେ । ଏହା ଘରୋଇ କ୍ଷେତ୍ର ଖର୍ଚ୍ଚରେ ବ୍ୟାପକ ଉନ୍ନତିକୁ ସମର୍ଥନ କରିପାରେ । ଘରୋଇ ପୁଞ୍ଜି ଖର୍ଚ୍ଚରେ ନିରନ୍ତର ବୃଦ୍ଧି ଅଭିବୃଦ୍ଧି ଦୃଷ୍ଟିକୋଣକୁ ସୁଦୃଢ଼ କରିବ, ଉପଭୋକ୍ତା-ନେତୃତ୍ୱାଧୀନ ପ୍ରସାରଣ ଏବଂ ଶିଳ୍ପ କାର୍ଯ୍ୟକଳାପକୁ ଆହୁରି ସମର୍ଥନ କରିବ । ତଥାପି, ଏଜେନ୍ସି କିଛି ବିପଦକୁ ମଧ୍ୟ ସୂଚାଇଛି ଯାହା ଭାରତର ଅଭିବୃଦ୍ଧି ହାରକୁ ପ୍ରଭାବିତ କରିପାରେ । ଏଥିରେ ଘରୋଇ ବ୍ୟବହାର ଉପରେ ବୃଦ ଧି ପାଉଥିବା ମୂଲ୍ୟ ଚାପ, ଦକ୍ଷିଣ-ପଶ୍ଚିମ ମୌସୁମୀର ଅଭାବ ଯାହା କୃଷି ଉତ୍ପାଦନ ଏବଂ ଗ୍ରାମୀଣ ଚାହିଦାକୁ ପ୍ରଭାବିତ କରିପାରେ, ଏବଂ ମୁଦ୍ରା ନୀତି ଯାହା ଘରୋଇ ନିବେଶରେ ପୁନରୁଦ୍ଧାରକୁ ମନ୍ଥର କରିପାରେ ଅନ୍ତର୍ଭୁକ୍ତ । ଭାରତର ଅକ୍ଟୋବର ମାସର ଖୁଚୁରା ମୁଦ୍ରାସ୍ଫୀତି ତଥ୍ୟ ଗୁରୁବାର ପ୍ରକାଶ ପାଇଛି ଯାଉଛି, ଯାହା ମୂଲ୍ୟ ଚାପର ପରିମାଣ ବିଷୟରେ ନୂତନ ଅନ୍ତର୍ଦୃଷ୍ଟି ପ୍ରଦାନ କରିବ । ରଏଟର୍ସ ଦ୍ୱାରା ସର୍ଭେ କରାଯାଇଥିବା ଅର୍ଥନୀତିଜ୍ଞ ମାନେ ଆଶା କରୁଛନ୍ତି ଯେ ଗ୍ରାହକ ମୁଦ୍ରାସ୍ଫୀତି ୫.୯୩ ପ୍ରତିଶତକୁ ବୃଦ୍ଧି ପାଇବ, ଯାହା ଭାରତୀୟ ରିଜର୍ଭ ବ୍ୟାଙ୍କର ସହନଶୀଳତା ସୀମାର ଉପର ସୀମା ନିକଟରେ ପହଞ୍ଚିବ । ପ୍ରାୟ ଚାରି ବର୍ଷ ମଧ୍ୟରେ RBI ଅକ୍ଟୋବରରେ ପ୍ରଥମ ଥର ପାଇଁ ସୁଧ ହାର ବୃଦ୍ଧି କରିଥିଲା । ବଜାର ଗୁଡ଼ିକ ଆଶା କରୁଛି ଯେ ଆଗାମୀ ୧୨ ମାସ ମଧ୍ୟରେ ମୁଦ୍ରା କଠୋରତା ଆଉ ୯୦ ବେସିସ୍ ପଏଣ୍ଟ ବୃଦ୍ଧି ପାଇବ । ଏହା ଋଣ ଖର୍ଚ୍ଚ ବୃଦ୍ଧି କରିପାରେ, ଯାହା ବ୍ୟବହାର ଏବଂ ନିବେଶକୁ ପ୍ରଭାବିତ କରିପାରେ ।




ନିଶାପ

(ନିରପେକ୍ଷ ଶାସନ ପଦ୍ଧତି)

ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

ସନାତନ

ହେ ଶୁଦ୍ଧିଜନ ସତ୍ୟ ହିଁ ସନାତନ,ସତ୍ୟ ହିଁ ଧର୍ମ,ସତ୍ୟ ହିଁ ଶିଷ୍ୟର ଭୂଷଣ,ସତ୍ୟ ହିଁ ଭକ୍ତର ଭକ୍ତି,ସତ୍ୟ ହିଁ ଅହିଂସା ରୂପକ ଅଗ୍ନି । ସତ୍ୟ ହିଁ ଶାଶ୍ୱତ । ସତ୍ୟ ହିଁ ସାହିତ୍ୟ,ସତ୍ୟ ହିଁ ନାରାୟଣ । ସତ୍ୟ ହିଁ ଧ୍ରୁବ । ସତ୍ୟ ହିଁ ବିବେକ,ସତ ହିଁ ବ୍ୟକ୍ତିର ବ୍ୟକ୍ତିତ୍ୱ,ସତ୍ୟ ହିଁ ଗୀତା,ଭାଗବତ,ବେଦ,ପୁରାଣକୁ ସ୍ୱୀକୃତି ଦେଇଛି । ସତ୍ୟ ହିଁ ଚୈତନ୍ୟ ତେଣୁ ସବୁବେଳେ କୁହେ ଯାହାର ନାହିଁ ଆୟତ୍ତନ,ତାହାର ନାମ ସନାତନ । ତେଣୁ ସତ୍ୟର ଆୟତ୍ତନ ନାହିଁ । ସତ୍ୟ ହିଁ ଗୁରୁ,ସତ୍ୟ ହିଁ ପ୍ରେମ,ସତ୍ୟହିଁ ସକଳ ସୃଷ୍ଟିର ରହସ୍ୟ,ତେଣୁ ହେ ଭକ୍ତ ହେ ଶିଷ୍ୟ ସତ୍ୟ ହିଁ ସାର,ସତ୍ୟ ହିଁ ନିର୍ଜୀବ କୁ ସଜୀବ କରିଥାଏ । ସତ୍ୟ ହିଁ ମାନବ ସମାଜର ଯେଉଁ ଦିନ ମୂଳମନ୍ତ୍ର ହେବ,ସେହିଦିନ ଜାଣିବ ଯେ ରାମରାଜ୍ୟ ଜଗତରେ ବିସ୍ତାର କରିଛି । ସତ୍ୟଯୁଗ ପ୍ରବେଶ କରିଛି । ସତ୍ୟ ହିଁ ଆଲୋକ,ସତ୍ୟର ଗତିକୁ ଯେ ଲକ୍ଷ୍ୟ ରଖି ଚାଲେ ସେ ହିଁ ଚତୁର । ସେ ହିଁ ଈଶ୍ୱରଙ୍କର ଭାଷାକୁ ବୁଝିପାରେ ସେହିଁ ଆତ୍ମାର ତତ୍ତ୍ୱକୁ ଉପଲବ୍ଧ କରିପାରେ । ସେହିଁ ସୃଷ୍ଟିର ନିର୍ଯ୍ୟାସ ହୋଇଥାଏ । ସେହିଁ ବିଶ୍ୱର ଅମୃତ ତେଣୁ ଅମୃତର ଅନ୍ୱେଷଣରେ ଯେ ଯାଇଛି ସେହିଁ ସୃଷ୍ଟିର ରହସ୍ୟକୁ ବୁଝିପାରିଛି । ତେଣୁ ହେ ଭକ୍ତ ସତ୍ୟକୁ ଆଧାର କରି ମାନବ ସମାଜର କଲ୍ୟାଣ କରିଚାଲିଲେ ନିଶ୍ଚୟ ବିଶ୍ୱ କଳି କବଳରୁ ଉଦ୍ଧାର ପାଇପାରିବ । ସବୁକ୍ଷେତ୍ରରେ ସବୁ ମୂହୂର୍ତ୍ତରେ ସତ୍ୟକୁ ଜାବୁଡି ଧର ନିଶ୍ଚୟ ତୁମେ ଅମର ହୋଇଯିବ । ଯିଏ ଅସତ୍ୟକୁ ଅଧାର କରିଥାଏ ସେ ବିଷୟାରୂପକ ବିଷକୁ ଗ୍ରାସ କରି ଜଗତରୁ ନିଶ୍ଚିନ୍ନ ହୋଇଯାଏ । ଆଉ ଯେ ସତ୍ୟକୁ ଆଧାର କରି ଚାଲେ ସେ ଅମୃତକୁ ଭକ୍ଷଣ କରି ଅମର ହୋଇଯାଏ ଏହି ବିଶ୍ୱରେ । ହରି ଓଁ ।



ପ୍ରଦୀପ୍ତ କୁମାର ଜେନା
ଅବସରପ୍ରାପ୍ତ ପୋଲିସ୍ ଅଫିସର୍
ମୋ-୮୨୪୯୨୮୧୫୬୬

ରାଜନୀତି କ୍ଷେତ୍ରରେ ମହିଳା ସଂରକ୍ଷଣ ଏକ ସମୟୋପଯୋଗୀ ପଦକ୍ଷେପ କି ?

ମନୁ ସ୍ମୃତି-୩.୫୬ରେ ଉଲ୍ଲେଖ ଅଛି 'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ' ନାରୀ ପୂଜନୀୟା ଓ ବନ୍ଦନୀୟା । ଯେଉଁଠି ବା ଯେଉଁ ଘରେ ନାରୀମାନଙ୍କୁ ପୂଜା କରାଯାଏ ସେଠାରେ ଦେବତାମାନେ ବାସ କରନ୍ତି ଓ ଆନନ୍ଦିତ ହୁଅନ୍ତି । ନାରୀ କେବଳ ଏକ ବ୍ୟକ୍ତି ନୁହେଁ; ନାରୀ ଶକ୍ତି ସୃଜନ ଏବଂ ସମାଜର ମୂଳଦୁଆ। ନାରୀ ପୁରୁଷର ପ୍ରେରଣା, ସେ ଅର୍ଦ୍ଧାଙ୍ଗିନୀ, ସହକର୍ମିଣୀ, ସହଧର୍ମିଣୀ ଓ ସହମର୍ମିଣୀ । ରଗ୍‌ବେଦରେ ନାରୀମାନଙ୍କୁ ସମାଜରେ ପୁରୁଷମାନଙ୍କ ସହିତ ସମାନ ସ୍ଥାନ ଦିଆଯାଇଛି । ବୈଦିକ ଯୁଗରେ ନାରୀ କେବଳ ଗୃହର କେନ୍ଦ୍ରବିନ୍ଦୁ ନଥିଲେ, ସେ ଜ୍ଞାନ ଏବଂ ରାଜନୀତିରେ ସମାନ ଅଂଶଗ୍ରହଣ କରୁଥିଲେ । ବେଦର ଅନେକ ମନ୍ତ୍ର ବା ଶ୍ଲୋକ ମହିଳା ଋଷିମାନଙ୍କ ଦ୍ୱାରା ରଚନା କରାଯାଇଛି। ଉଦାହରଣ ସ୍ୱରୂପ- ଘୋଷା, ଧିପାଲା, ଲୋପାମୁଦ୍ରା, ବିଶ୍ୱବାରା ପ୍ରଭୃତି । ଶିକ୍ଷା କ୍ଷେତ୍ରରେ ପୁରୁଷମାନଙ୍କ ସହିତ ସମାନ ଅଧିକାର ଥିଲା । ବର ଚୟନ କ୍ଷେତ୍ରରେ ସେମାନେ ମଧ୍ୟ ନିଜର ମତ ବ୍ୟକ୍ତ କରୁଥିଲେ। ବାଲ୍ୟ ବିବାହ, ସତୀଦାହ ପ୍ରଥା ଭଳି ସାମାଜିକ କୁସଂସ୍କାର ବୈଦିକ ଯୁଗ ନଥିଲା । ପ୍ରାଚୀନ କାଳରେ ପୁରୁଷ ପ୍ରଧାନ ସମାଜରେ ନାରୀର କୌଣସି ସ୍ୱାଧୀନତା, ଶିକ୍ଷାଗତ ଅଧିକାର ଓ ସାମାଜିକ ଅଧିକାର ନଥିଲା । ନାରୀ ପରାଧିନ ହୋଇ ଘରେ ରହୁଥିଲା। ସ୍ୱାମୀ, ଶାଶୁ, ଶ୍ୱଶୁର ଓ ପରିବାରର ଦାୟୀତ୍ୱ ନିର୍ବାହ କରିବ । ସମସ୍ତ ପରିବାରକୁ ଖୁସିରେ ରଖିବାର କର୍ତ୍ତବ୍ୟ ଓ ଦାୟୀତ୍ୱ ଗୋଟିଏ ନାରୀକୁ ନିର୍ବାହ କରିବାକୁ ପଡୁଥିଲା। ପ୍ରାଚୀନ କାଳରେ ବିଦ୍ୟାଳୟ ନଥିଲା, ଥିଲା ଗୁରୁକୁଳ ଓ ଚାଟଶାଳୀ । ସେଗୁଡିକରେ ନାରୀମାନଙ୍କର ବିଦ୍ୟା ଶିକ୍ଷା କରିବାର ଅଧିକାର ନଥିଲା । କେବଳ ପୁରୁଷମାନେ ଗୁରୁକୁଳରେ ରହି ବିଦ୍ୟା ଶିକ୍ଷା କରୁଥିଲେ। ଓଡ଼ିଶା ପରିପ୍ରେକ୍ଷୀରେ ବିଚାର କଲେ ଜଣାଯାଏ ଯେ ନାରୀଟି ଘରେ ରହି ଯଦି ଓଡ଼ିଆ ଅକ୍ଷର ଶିଖି ପାରିଲା ଓ ତା' ସହିତ ଓଡ଼ିଆ ଭାଗବତ ପଢ଼ି ପାରିଲା ତା'ର ଆଉ ଅଧିକ କିଛି ଦରକାର ହେଉନଥିଲା । ବରଘର ତରଫରୁ ଯେତେବେଳେ ବିଭାଘର ପାଇଁ ଝିଅ ଦେଖିବାକୁ ଆସୁଥିଲେ, ଝିଅକୁ ଭାଗବତ ପଢ଼ିପାରୁଛ କି ନାହିଁ ପଚାରୁଥିଲେ। ଭାଗବତ ପଢ଼ିପାରୁଥିବା ଝିଅଟିକୁ ସେ ସମୟରେ ସ୍ୱାକ୍ଷର ବୋଲି ବିବେଚନା କରାଯାଉଥିଲା । ବ୍ରିଟିସର୍ସମାନେ ଭାରତକୁ, ଏପରିକି ଓଡ଼ିଶାକୁ ଅକ୍ତିଆର କରିବା ପାରେ ଗୁରୁକୁଳ ଓ ଚାଟଶାଳୀ ଗୁଡିକୁ ବନ୍ଦ କରିଦେଇ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ଥାପନ କରି ଲୋକମାନଙ୍କୁ ଶିକ୍ଷା ଦାନ କଲେ । ଉନବିଂଶ ଶତାବ୍ଦୀର ମଧ୍ୟଭାଗରେ ଯଦିଓ ବିଦ୍ୟାଳୟ ସ୍ଥାପନ କରାଯାଇଥିଲା ହେଲେ ସେଗୁଡ଼ିକରେ ମହିଳାମାନେ ପଢୁ ନଥିଲେ । ମହିଳାମାନଙ୍କୁ ବିଦ୍ୟାଳୟ ଯିବା ସମ୍ପୂର୍ଣ୍ଣ ମନା ଥିଲା । ଲୋକଙ୍କ ମନରେ ଏକ ଅନ୍ଧ ବିଶ୍ୱାସ ଥିଲା ଯେ ନାରୀଟିଏ ଯଦି ଶିକ୍ଷା ଲାଭ କରିବ ତାହେଲେ ତା'ର ସଂସାର ଉଜୁଡି ଯିବ, ଯାହାର ଜ୍ୱଳନ୍ତ ପ୍ରମାଣ ଫକୀର ମୋହନ ସେନାପତିଙ୍କ 'ରେବତୀ' ଗଳ୍ପ । ରେବତୀ ପାଠ ପଢିଲା ବୋଲି ତା'ର ପରିବାର ଉଜୁଡ଼ିଗଲା। ଗଳ୍ପିକ ରେବତୀର ବୃଦ୍ଧାମା' ଚରିତ୍ର ମାଧ୍ୟମରେ ଏହି ସତ୍ୟଟିକୁ ଉପସ୍ଥାପିତ କରିଛନ୍ତି । ତତ୍କାଳୀନ ସମାଜରେ ନାରୀ ଶିକ୍ଷାକୁ ଏକ ଅଭିଶାପ ବୋଲି ଧରାଯାଉଥିଲା । ସାମୟକ୍ରମେ ତା'ର ପରିବର୍ତ୍ତନ ଆସିଥିଲା ଓ ମହିଳାମାନେ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପଢ଼ା ପଢ଼ି କରି ସରକାରୀ ଚାକିରୀ କରିଥିଲେ । ପରିସଂଖ୍ୟନରୁ ଜଣାଯାଏ ଯେ ସ୍ୱାଧୀନତା ପରେ ଦେଶରେ ମହିଳା ସାକ୍ଷାରସଂଖ୍ୟା ମାତ୍ର ୯ ପ୍ରତିଶତ ଥିଲା । ଆଜିର ପରିସଂଖ୍ୟାନ କହେ ନାରୀ ମାନଙ୍କ ସାକ୍ଷାର ହାର ଦେଶରେ ୭୬ ପ୍ରତିଶତରୁ ଅଧିକ । ଏପରିକି ଦେଖା ଯାଉଛି ଯେ ପୁରୁଷ ତୁଳନାରେ ମହିଳାମାନେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକରେ ଅଧିକ ସଂଖ୍ୟକ ଉତ୍ତିର୍ଣ୍ଣ ହେଉଛନ୍ତି। ଆଜିର ନାରୀ ପରଦାସୀନ ହୋଇ ଘର କୋଣରେ ରହୁନାହିଁ। ସବୁ କ୍ଷେତ୍ରରେ ଏପରିକି ଶିକ୍ଷା, ସାମାଜିକ, ଚାକିରୀ ଓ ରାଜନୀତି କ୍ଷେତ୍ରରେ ପୁରୁଷମାନଙ୍କ ସହିତ ସମତାଳରେ ଗତି କରୁଛି । ଦିନେ କବିଙ୍କ ଭାଷାରେ ନାରୀ ଥିଲା ଅବଳା ଓ ଦୁର୍ବଳା । ସାହିତ୍ୟ ସୃଷ୍ଟିରେ ଉଲ୍ଲେଖ ଥିଲା 'ବିନାଶ୍ରୟେ ନ ବର୍ତ୍ତନ୍ତେ କବିତା ବନିତା ଲତା ।' ଆଜିର କବି ନିକଟରେ ଏ ଉକ୍ତିର କିଛି ପ୍ରସଙ୍ଗିକତା ନାହିଁ । ୧୮୪୮ ମସିହାରେ ସାବିତ୍ରି ବାଇ ଫୁଲେ ପୁନେଇ ୱାଡାଠାରେ ପ୍ରଥମ ମହିଳା ମହାବିଦ୍ୟାଳୟ ଆରମ୍ଭ କରି ନାରୀ ଶିକ୍ଷାକୁ ପ୍ରୋତ୍ସାହନ କରିଥିଲେ । ସ୍ୱାଧୀନତା ଆନ୍ଦୋଳନ ସମୟରେ ମହାତ୍ମା ଗାନ୍ଧୀ ନାରୀମାନଙ୍କୁ ନିଜ ନିଜର ଘର ଛାଡି ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେବା ପାଇଁ ଆହ୍ୱାନ କରିଥିଲେ, ଏପରିକି ନାରୀ ଶିକ୍ଷାକୁ ମଧ୍ୟ ସମର୍ଥନ କରିଥିଲେ। ଗାନ୍ଧୀଙ୍କ ଡାକରାରେ ହଜାର ହଜାର ମହିଳା ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ୧୯୩୦ ଲବଣ ସତ୍ୟାଗ୍ରହ ସମୟରେ ଦେଶରେ ଆଇନ୍ ଅମାନ୍ୟ ଆନ୍ଦୋଳନ କରି ୧୭ ହଜାରରୁ ଅଧିକ ମହିଳା ଗିରଫ ହୋଇଥିଲେ । ୧୯୪୨ ଭାରତ ଛାଡ଼ ଆନ୍ଦୋଳନ ସମୟରେ ଶ୍ରୀମତୀ ଅରୁଣା ଆସଫ୍‌ଅଲିଙ୍କ ନେତୃତ୍ୱ ଇଂରେଜ ମାନଙ୍କ ହୃତ୍‌କମ୍ପ ସୃଷ୍ଟି କରିଥିଲା। ନାରୀ ସସକ୍ତ ପୁରୁଷ ସହିତ ସେ ସମକକ୍ଷ । ଏପରିକି ରାଜନୀତି ହେଉ ବା ଅନ୍ୟ ସମସ୍ତ କ୍ଷେତ୍ରରେ ସେ ନିଜର ଦକ୍ଷତା ପ୍ରତିପାଦନ କରିପାରିବ । ବିଜୟଲକ୍ଷ୍ମୀ ପଣ୍ଡିତ, ସରୋଜିନୀ ନାଇଡୁ ଭଳି ନାରୀମାନେ ସ୍ୱାଧୀନତା ଆନ୍ଦୋଳନରେ ଭାଗ ନେଇ ନିଜର ଦକ୍ଷତା ଓ ପାରଦର୍ଶିତାକୁ ପ୍ରତିପାଦନ କରି ପାରିଥିଲେ। ମହିଳା ମାନଙ୍କ ପାଖରେ ପୁରୁଷ ଭଳି ଶକ୍ତି ସାମର୍ଥ୍ୟ ଅଛି ଏ କଥା ଗାନ୍ଧୀ ଅନୁଭବ କରିଥିଲେ। ରାଜନୀତି କ୍ଷେତ୍ରରେ ମହିଳାମାନଙ୍କୁ ସଂରକ୍ଷଣ ଦିଆଯିବା ସପକ୍ଷରେ ଗାନ୍ଧୀ ନଥିଲେ । ଆସ୍ତେ ଆସ୍ତେ ନାରୀ ଶିକ୍ଷିତ ହେବା ପରେ ସବୁ କ୍ଷେତ୍ରରେ ସେ ନିଜର ପ୍ରତିଭାକୁ ପରିପ୍ରକାଶ କଲା ଓ ଅନୁଭବ କଲା ଯେ ପୁରୁଷ ମାନଙ୍କ ଭଳି ସକ୍ଷମ ହେବାକୁ ହେଲେ ଓ ନାରୀ ଜାତିକୁ ସବୁ କ୍ଷେତ୍ରରେ ଆଗକୁ ନେବାକୁ ହେଲେ ରାଜନୀତିରେ ଅଧିକ ସଂଖ୍ୟକ ନାରୀମାନଙ୍କ ଯୋଗଦାନ ଆବଶ୍ୟକ। ରକ୍ଷଣଶୀଳ ସମାଜର ପ୍ରତିବନ୍ଧକୁ ଆଡ଼େଇ ଦେଇ ଅଧିକ ସଂଖ୍ୟକ ମହିଳା ରାଜନୀତିକୁ ଆସିବା ଲକ୍ଷ୍ୟରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓ ୧୯୯୨ ମସିହାରେ ୭୩ତମ ଏବଂ ୭୪ତମ ସମ୍ବିଧାନ ସଂଶୋଧନ କରି ମହିଳାମାନଙ୍କ ପାଇଁ ଶତକଡା ୩୩ ପ୍ରତିଶତ ଲୋକାଲ ବଡ଼ିଗୁଡିକରେ ସଂରକ୍ଷଣ କରିଥିଲେ । ଲୋକସଭା ଏବଂ ବିଧାନସଭା ଗୁଡିକରେ ମହିଳା ମାନଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ପାଇଁ ଜନତାଦଳ ୟୁନାଇଟେଡ୍ ସରକାର ୧୯୯୬ମସିହାରେ, ଅଟଳ ବିହାରୀ ବାଜପାୟୀଙ୍କ ସରକାର ୧୯୯୮-୨୦୦୩ ଭିତରେ ଅନେକ ପ୍ରୟାସ କରିବା ସହିତ ୨୦୦୮ ଓ ୨୦୧୦ରେ ୟୁ ପି ଏ ସରକାର ମଧ୍ୟ ପ୍ରୟାସ କରିଥିଲେ । କିନ୍ତୁ ବିଭିନ୍ନ କାରଣ ପାଇଁ ତାହା ପାରିତ ହୋଇ ପାରିନଥିଲା । ପୁନର୍ବାର ମୋଦି ସରକାରଙ୍କ ସମୟରେ ୨୦୧୪ ଏବଂ ୨୦୧୯ ମସିହାରେ ଏହି ବିଲ୍‌ଟି ପାସ ହେବାପାଇଁ ସରକାର ଚେଷ୍ଟା କରିଥିଲେ ବି ସଫଳ ହୋଇ ପାରିନଥିଲେ। ଶେଷରେ ମୋଦି ସରକାର ୨୦୨୩ ସେପ୍ଟେମ୍ବର ୨୦ ତାରିଖରେ ଏହି ମହିଳା ସଂରକ୍ଷଣ ବିଲ୍‌ଟି ପାର୍ଲିଆମେଣ୍ଟର ଉଭୟ ସଦନରେ ବିରୋଧୀ ଦଳଙ୍କ ସହାୟତାରେ ପାରିତ କରିଥିଲେ ।

ବିଲ୍‌ଟି ମହାମହିମ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରି ୨୮ ତାରିଖ ସେପ୍ଟେମ୍ବର ୨୦୨୩ରେ ଗେଜେଟ ନୋଟିଫିକେସନ ହୋଇଥିଲା । କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହି ଆଇନିଟି ଏପର୍ଯ୍ୟନ୍ତ ଦେଶରେ ଲାଗୁ କରାଯାଇନାହିଁ । ତରବରିଆ ଭାବେ କେନ୍ଦ୍ର ସରକାର ଏହି ବିଲଟିକୁ ଚଳିତ ଏପ୍ରିଲ ମାସରେ notification କରିଛନ୍ତି । ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ଥାଉ ପୁନର୍ବାର ଏହି ମହିଳା ଆରକ୍ଷଣ ବିଲ୍ ସହିତ ସାମା ପୁନଃ ନିର୍ଦ୍ଧାରଣ ବିଲ୍‌ଟି ଆଣିବାର କି ପ୍ରୟୋଜନଥିଲା ? ଏହାର ପ୍ରତିବାଦରେ ବିରୋଧୀ ଦଳ କହୁଛି ୨୦୨୩ ମସିହାରେ ସଂଶୋଧନ ବିଲ୍ ଆଇନି ହୋଇସାରିଛି ହେଲେ ସରକାର ତାକୁ ଲାଗୁ କରୁନାହାନ୍ତି । ସଂରକ୍ଷଣକୁ ନେଇ ସରକାରୀ ଦଳ ଓ ବିରୋଧୀ ଦଳ ମଧ୍ୟରେ କାଦୁଅ ପିଙ୍ଗା ଚାଲିଛି । ବିଜୁ ପଟ୍ଟନାୟକ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିବାବେଳେ ଓଡିଶା ଜିଲ୍ଲା ପରିଷଦ ଆକ୍ଟ ୧୯୯୧ ଏବଂ ଗ୍ରାମ ପଞ୍ଚାୟତ ସମିତି ସଂଶୋଧନ ଆକ୍ଟ ୧୯୯୨ରେ ବିଧାନସଭାରେ ପାରିତ କରି ମହିଳା ମାନଙ୍କ ପାଇଁ ୩୩% ସଂରକ୍ଷଣ ଲୋକାଲ ବଡ଼ି ଗୁଡିକରେ କରିଥିଲେ। ଠିକ ସେଇଭଳି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୮ ନଭେମ୍ବର ୨୦ ତାରିଖରେ ମହିଳା ସଂରକ୍ଷଣ ବିଲ୍ ବିଧାନସଭାରେ ପାରିତ କରି ଲୋକସଭା ଓ ବିଧାନସଭାରେ ମହିଳା ମାନଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରିଥିଲେ । ସେ ଯାହା ହେଉ ମହିଳା ମାନଙ୍କ ପାଇଁ ୩୩% ସଂରକ୍ଷଣ ସମ୍ବିଧାନରେ ବ୍ୟବସ୍ଥା କରାଯାଇଛି । ସମସ୍ତ ରାଜନୈତିକ ଦଳ ମହିଳା ସଂରକ୍ଷଣ ସପକ୍ଷରେ। ଯଦି ଆମେ ଅତୀତର ପୃଷ୍ଠା ଉନ୍ମୋଚନ କରିବା ଦେଖିବାକୁ ପାଇବା ୧୯୫୨ ମସିହାରେ ମହିଳା ସାକ୍ଷାର ହାର ଥିଲା ମାତ୍ର ୯% ଓ ପ୍ରଥମ ଲୋକସଭାରେ ମାତ୍ର ୨୨ ଜଣ ମହିଳା ସାଂସଦ ଥିଲେ । ୨୦୨୬ରେ ଭାରତରେ ମହିଳା ସ୍ୱାକ୍ଷରହାର ୭୬/୭୭% । ଆଉ କିଛି ବର୍ଷ ପରେ ପୁରୁଷମାନଙ୍କ ଠାରୁ ମହିଳା ସ୍ୱାକ୍ଷର ସଂଖ୍ୟା ଆଗକୁ ଚାଲିଯିବ । ଅନେକ ବିକଶିତ ରାଷ୍ଟ୍ର ଯଥା- ଅଷ୍ଟ୍ରେଲିଆ, କାନାଡ଼ା, ଜର୍ମାନ, ଜାପାନ, ନିଯୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା, ସୁଇଡେନ, ଆମେରିକା, ଇଂଲଣ୍ଡ ପ୍ରଭୃତି ଦେଶରେ ରାଜନୀତିରେ ମହିଳା ମାନଙ୍କ ପାଇଁ ସଂରକ୍ଷଣ ନାହିଁ । ଭାରତ ସମେତ ଅନେକ ଦେଶ ଯଥା ଚାଇନା, ବାଂଲାଦେଶ, ପାକିସ୍ତାନ, ନେପାଳ, ଦକ୍ଷିଣ କୋରିଆରେ ମହିଳାମାନଙ୍କ ପାଇଁ ସଂରକ୍ଷଣ ରହିଛି । ଫିଲପାଇନସ୍ ପୃଥିବୀର ପ୍ରଥମ ଦେଶ ଯେକି ପ୍ରଥମେ ତାଙ୍କ ଦେଶରେ ମହିଳା ସଂରକ୍ଷଣକୁ ସମ୍ବିଧାନରେ ଲାଗୁ କରିଥିଲା । ମୋର ମତରେ ଯେତେବେଳେ ମହି

ଅପେକ୍ଷାର ଆଲେଖ୍ୟ

ସୁରେଖା ମହାପାତ୍ର



କେବେବି କେଉଁଠି
କାହା ଭିତରେ କି ବାହାରେ
ଗପ କି କବିତାରେ ମୁଁ କେଉଁଠି ନଥାଏ,
ନଥାଏ ଗୋଧୂଳି ଲଗ୍ନର ନୀଡ଼ ଫେରା ଆକୁଳ ଇଚ୍ଛାରେ !

ତଥାପି ସ୍ୱପ୍ନରେ ତାରାଝରା ସ୍ମୃତି ମୋର
ନଦୀର ଧାର ପରି,
କୂଳ କେବେ ଭାଙ୍ଗେ ନାହିଁ,
ଭିତରେ ଭିତରେ ହସ ସହ
ଶହ ଶହ କୋହରେ ଲହରି ଖେଳୁଥାଏ।

ଶବ୍ଦ ବିନା ସବୁକିଛି ପଢ଼ିପାରେ
ଶାମୁକାରୁ ଅନ୍ତରୀକ୍ଷ ଯାଏଁ !
ଅନୁଭବର ପ୍ରତ୍ୟେକଟି ମୁହୂର୍ତ୍ତ
ଏକ ଅଫୁରନ୍ତ କାବ୍ୟ ପରି
ଯିଏ ଖାଲି ଲମ୍ବା ହେଇ ଆଗକୁ ହିଁ ବଢ଼ିବା ଜାଣେ ।



ଆହାଃ !
ବହୁତ ଦିନ ଯାଏଁ ଗୋଟେ ଗୀତକୁ
ବାରମ୍ବାର ଶୁଣୁଥିଲି...
ବର୍ଷ ବର୍ଷ ଗାଲର ଗୋଲାପି ରଙ୍ଗ ଆଉ
ଲାଜରେ ନଇଁ ଯାଉଥିବା ଆଖିପତା

ଅପେକ୍ଷାରେ ଭରସା କରିଥିଲା :

ଜ୍ୟୋତ୍ସ୍ନାଧୂଆ ଲଗ୍ନରେ କାଶତଣ୍ଡି ସହ
ଲୁଚକାଳି ଖେଳୁଥିବା ପୁନେଇଁ ଜହ୍ନକୁ
ପଛକରି କେହି ଜଣେ କହିବ
ମୋ ହାତ ପାପୁଲିରେତୁ ମୋ ଚାନ୍ଦ ହେଇ
ବନ୍ଧା ପଡିଯା ,
ମୋତେ ବି ବାନ୍ଧିଦେ ତୋ ଗାଲର ଲାଲିମାରେ ।

ସ୍ୱର୍ଗର ନନ୍ଦନକାନନରେ ପ୍ରଣୟବନ୍ଧନୀରେ
ଅଭିସାର ରଚୁ ରଚୁ
ସମୟ ସ୍ଥିର ହେଇଯାଉ,
ତୋ ଅଳସୀ ଲାବଣ୍ୟ ଆଉ
ମୋ ବକ୍ର ସମ ଛାତିର ଯୁଗ୍ମ ବନ୍ଧନରେ ।

ବୋଧହୁଏ
ସେଇ କେଇଟା କଥାରେ
ସ୍ୱପ୍ନର ଉପହାର...
ପାରିଜାତ, ଐରାବତ ଅଙ୍କା ପଟ୍ଟଚିତ୍ର ସବୁ
ଟାଙ୍ଗି ହେଇ ଯାଇଥାନ୍ତେ ମୋ କଳିଜାର
ରଦ୍ଧ କୋଠରୀରେ ।

ଜହ୍ନ ନଇଁଗଲା କେତେ କେତେ
ପୂନେଇ ରାତିରେ
ଋତୁ ସବୁ ବି ସରି ସରି ଗଲା...

ଦୂର ଦିଗବାରେଣୀ ରେ
କାହାର ପାଦ ଶବ୍ଦ ତ ଏଯାଏଁ ଶୁଭିନି
ଆଉ ଭରସା ଜୀବନତ କେବେବି ଦେଇନି !

ମୁଁ ସେଇ ଗୀତକୁ ଏବେବି ଶୁଣି ଚାଲିଛି
କାଳର ଶେଷ ପ୍ରହରରେ !

ମୋ-୯୯୩୭୦୧୧୦୬୬

କାର୍ତ୍ତିକର ଅଭିସାର

ସୁଜିତ କୁମାର ମିଶ୍ର



ପବିତ୍ର ରାଗରେ ବାଜୁଛି ତୋ ଗୀତ ପୁଲକିତ ଗୁଞ୍ଜନରେ,
ପାହୁଛି ପାପର ଭାର ପ୍ରତିକ୍ଷଣେ ଭାବ ସୁଧା ବରଷାରେ ।
ସ୍ନାନ ନିରାଜନା ଅନୁପମ ତୋର ଅୟୁତ ଛୁଆଁର ଗୀତି,
ଚେତନାର ଦୀପ ଜଳିଲା ପରେ ତୋ ଆଲୋକିତ ମୂଢ ଛାତି ।

ରଙ୍ଗ ମୂରୁଜର ଶ୍ରଦ୍ଧା ଚଉରା ତୁ ରସଝରା ଅଶ୍ରୁଜଳ,
ମନ ମନ୍ଦିରର ପୂଜା ଅର୍ଚ୍ଚନା ତୋ ମୌନରାଗେ ଛଳଛଳ ।
ଦୁଃଖୀ ମଣିଷର ପ୍ରେମ ଭିକ୍ଷାଝୁଲି ଦରଦୀପଣର ଛାଇ,
ଆଶା ବିଶ୍ୱାସର ଆଞ୍ଜୁଳେ ପବନେ ବହେ ସପନର ନଈ ।

ମରଣ ଯାତନା ମଧ୍ୟେ ବୋଳି ଦେଉ ଜୀଇଁବାର ମିଠା ଚରୁ,
ଦିବସ ରଜନୀ ଭାବ ଝରୁଥାଏ ଦେହ ଦିବ୍ୟ ଦେଉଳରୁ ।
ଆଖିରେ ଅନେକ ପୁଲକିତ ତପ ଉଜାଗର ସଙ୍କୀର୍ତ୍ତନ,
ଅମୀୟ ବର୍ଷାର ଆଗମନେ ତୋର ଅବିନାଶୀ ଶିହରଣ ।

ମଞ୍ଜୁଳ କାର୍ତ୍ତିକ ମହୋତ୍ସବ ତୋର ମୁକ୍ତି ପାଇଁ ଅଭିସାର,
ତୋ ପ୍ରୀତି ଝରରେ ଚିନ୍ମୟ ଭାବନା ତୀର୍ଥଭୂମି ନିରନ୍ତର ।



ଜନାର୍ଦ୍ଦନପୁର ଶାସନ
୭୬୮୩୮୬୭୭୪୨
କେନ୍ଦୁଝର

ହସ ଆଢୁଆଳେ କେତେ ଯେ କାନ୍ଦଣା

ହରିଶ୍ଚନ୍ଦ୍ର ବେହେରା



ହସ ଆଢୁଆଳେ କେତେ ଯେ କାନ୍ଦଣା
କିଏ ଅବା ଦେଖି ପାରେ
କେତେ ଯେ ଆଂଚୁଡା ଦାଗ ଦେହେ ଧରି
ବହି ଯାଏ ନଈ ଧୀରେ ।।

ଫୁଲ ମନ କଥା ଭଅଁର କେବେ କି
ବୁଝିବାକୁ ଚେଷ୍ଟା କରେ
ମହକ ବିତରି ସବୁରି ମନରେ
ପ୍ରୀତିର ଆନନ୍ଦ ଭରେ
ସବୁ ଦେଇ ସାରି ଫୁଲଟି ତ ନିତି
ନିରବ ଆବେଗେ ଝରେ ।।
କୁଣ୍ଡି ବାନ୍ଧିବାର ନିରବ ମୁହୂର୍ତ୍ତ
କିଏ ଅବା ପାରେ ଦେଖି
ଇନ୍ଦ୍ରଧନୁର ସାତ ରଙ୍ଗଠାରେ
ସବୁ ଆଖି ଯାଏ ଲାଖି
ମେଘ ମଲ୍ଲାର ରାଗରେ ମୟୂରୀ
କଣ୍ଠରୁ ରାଗିଣୀ ଝରେ ।।

କଲ୍ୟାଣ ନଗର, ବାଲେଶ୍ୱର -୧

ଜୁଇ ତଳେ

ବିନୟ ମିଶ୍ର

ଇଚ୍ଛାକରି ଯେବେ ମନର ଭାଷାକୁ
ହୃଦୟେ ରଖିବ ଭରି,
କୋହ ଦୀର୍ଘଶ୍ୱାସ ଛାତିକୁ ବିଦାରି
ଦିନେ ଆସିବ ବାହାରି,
ଅମୃତ ବି ହେବ ବିଷ,
କେବେ ମନ ଦେହେ ଅନୁତାପ ନିଆଁ
ସବୁ କରିଦେବ ଶେଷ।

ନୀରବ ମନର ପରିଭାଷା କେଉଁ
ଅଭିଧାନେ ଲେଖା ନାହିଁ,
ଭାବନାର ବ୍ୟାକରଣେ ସେ ସମାସ
ବ୍ୟାସ ବାକ୍ୟ ସ୍ଥାନ କାହିଁ,
ସ୍ମୃତି ଇତିହାସ ତଳେ,

ଦେହ ଭୂଗୋଳଟା ବୁଦ୍ଧି ପରିମିତି
ବିବେକ ଜ୍ୟାମିତି ଜଳେ,
ବୃଥା ଅଭିମାନ ଅଙ୍କ,
କଷ୍ଟୁ କଷ୍ଟୁ ଯାଏ ଜୀବନ ପଥର
କେତେ ଅଙ୍କା ବଙ୍କା ବାଙ୍କ।

ନୟନେ ଲୋତକ ଏ ମନ ଚାତକ
ପ୍ରୀତିର ବରଷା ଖୋଜେ,
ଅମାବାସ୍ୟା ଚନ୍ଦ୍ର ଗ୍ରହଣ ଲାଗିଲେ
ବସନ୍ତେ ଗ୍ରୀଷ୍ମ ଭିଜେ,
ବୟସ ଛାତର ତଳେ,
ଶମଶାନ ପଥ ଜଳ ଜଳ ଦିଶେ
ଆଶାର ଜୁଇର କୋଳେ।



ନିଆଳ ଖୋର୍ଦ୍ଧା

ଭୋକର ସାୟେରି

ଦେବାଶିଷ ଚକ୍ରବର୍ତ୍ତୀ

ବାଳୁତ
ଦାଉ ଦାଉ ହୋଇ ପେଟରେ ଆମର
ଜଳୁଥାଏ ଯେବେ ଭୋକର ନିଆଁ
ତାହାରି ଆଗରେ ମଧ୍ୟାହ୍ନ ସୁରୁଜ
ମନେ କି ହୁଏନି ନିହାତି ଛୁଆ ?

ପ୍ରସାଦ
ମାଆ ହାତ ବଢ଼ା ଶାଗ ପଖାଳ ତ
ଭୋକକୁ କରଇ ଛୁ ମନ୍ତର
କେଉଁ ଦେଉଳର ଦୁର୍ଲଭ ପ୍ରସାଦ
ହୋଇକି ପାରିବ ତାହାରି ତୁଳ ?

ଭୋକ
ପ୍ରଶମିତ ହୋଇଥାଏ ଭୋକ ସିନା
ପେଟରେ ପଡିଲେ ମୁଠେ ଆହାର

କ୍ଷମତାର ଭୋକ ମେଣ୍ଟାଇ ପାରିବ
ରହିଛି ଏପରି ସାଧ କାହାର ?

ଇଲତ
ସଭିଙ୍କି ଇଲତ କରିପାରେ ଭୋକ
ରହିଛି ଏପରି ପ୍ରଭାବ ତାର
ନ ହେଲେ କି ଜଗା ବଳିଆ ଦି'ଭାଇ
ଘୂରି ବୁଲିଥାନ୍ତେ ବାର ଦୁଆର ?

ବିଡ଼ମ୍ବନା
ଧନୀଟିଏ ସିନା ବ୍ୟାୟାମ କରଇ
ଖାଦ୍ୟର ହଜମ ପାଇଁ କେବଳ
ଗରୀବ ବାପୁଡା ଖଟି ମରୁଥାଏ
ପାଇବା ପାଇଁ କି ମୁଠେ ଆହାର।



ମଣ୍ଡୁଆ, କେନ୍ଦୁଝର ଗଡ
ମୋ ୯୪୩୭୭୫୨୩୯୫

ପିଣ୍ଡା

ଡ. ଦୀପକ କୁମାର ମିଶ୍ର

ତୁମକୁ ପାଛୋଟି ଆଣିଲି ସିନା ଦେଇପାରିଲିନି ଆତିଥ୍ୟ
ପାରି ପାରିଲିନି ହେଂସ
ଠା ପିଢ଼ା, ପାଣି ଯାଚି
ପରଷି ପାରିଲିନି ପୋଷେ ଚାଉଳର ଭାତ ।

କାନ୍ଦୁରା ପୃଥିବୀକୁ ଘର ଭାବି ଆଦରିଲି ସ୍ଥାନ
ଉଲୁରା ମାଟିକୁ ଶ୍ରେୟ ମଣିଲି
ଉଗାଳୁଥିବା ସବୁ ମଣିଷକୁ ଭାବିଲି ନିଜର
ଏବେ ଓଳିତଳ ଛିଟିକା ପାଣିରେ ମୋର ଭାଗ୍ୟ ଭବିତବ୍ୟ ।

ବିଶ୍ୱାସ କର,
ନ୍ୟାୟ ନିଶାପରେ ମୋର କିଛି ବି ଭୂମିକା ନଥାଏ
ପାଦ କଚାଡ଼ି ଆଙ୍ଗୁଠି ଦେଖେଇ
ଚିହିଁକା ମନର ଭାଷାନ୍ତର ଅଭିଧାନର
ଗୋଟାଏ ହେଲେ ଶବ୍ଦର ବି ମୁଁ ଧାରେ ନାହିଁ ଧାର ।

ମୁଁ ସାକ୍ଷୀ ନୁହଁ କି ସତର୍କ ଘଣ୍ଟିର ପାହାଚ
ମୁଁ ଦଦରା ଦରିଦ୍ର ଲୁଣ୍ଠା କପଡ଼ାର
ଛେଚା ପାହାର ଖାଇ ସଢୁଥିବା ଅଗଣାର ଅଶ୍ରୁ ସମାଚାର ।

ଟୁପୁରୁଟାପୁର ବର୍ଷା ବିନ୍ଦୁ ହେଉ କି ପାପ ପ୍ରପଞ୍ଚ ବିଚାର
ମୋର କେଉଁ କାନ ଅଛି
ସାଜିବାକୁ ସ୍ମୃତି ସରବରାହର ମ୍ଲେଚ୍ଛ ଆବାହକ ।

ଅବଶ୍ୟ ଭଗାରୀ ଚୋଟର ଖାଇଛି ଅନେକ ପାହାର
ତଥାପି ଦୁଃଖ ନାହିଁ ମୋର
କାରଣ ସବୁ ଭରଣାର ଭିତ୍ତିଭୂମିରେ ତ ମାଟି
ଆଉ ତଥୈବଚ ଦେହର ସାରାଂଶ ।



ଭୁବନେଶ୍ୱର
୮୨୮୦୨୧୧୦୦୦

ମୁଠାଏ ପୃଥିବୀ

ବଂଶୀଧର ମାଝୀ



ସମୟର ଅସଫଳ ରାସ୍ତାରେ
ଥକିପଡ଼ିଥିବା ଗୋଡ଼ ଦୁଇଟାକୁ
ପୁଣି ଥରେ ଆଗକୁ ବଢ଼ାଇବାକୁ ହେବ
ନିଜ ଭିତରର ସୁପ୍ତ ଆଗ୍ନେୟଗିରିକୁ
ଆଉ ଥରେ ଜାଗ୍ରତ କରିବାକୁ ହେବ ।

କୋଠରୀର ଚାରି କାନ୍ଥ ଭିତରେ
ଆବଦ୍ଧ ନୁହେଁ ଆମ ଆକାଶ
ଆମ ହାତର ରେଖାରେ ଲେଖା ଅଛି
ଦିଗବଳୟକୁ ଟପିବାର ବିଶ୍ୱାସ ।

ହୁଏତ ପାଦ ତଳେ ଜଳୁଛି ନିଆଁ
ହୁଏତ ମୁଣ୍ଡ ଉପରେ କଳା ମେଘର ଛାୟା
ହେଲେ ଆମ ଆଖିରେ ଅଛି ନୂଆ ପ୍ରଭାତର ସ୍ୱପ୍ନ
ଆଉ ଛାତିରେ ଅସୀମ ସାହସର ମାୟା ।

ପାହାଡ଼କୁ ଭାଙ୍ଗି ବାଟ କାଢ଼ିବାକୁ ହେବ
ସମୁଦ୍ରର ଢେଉ ସହ ଲଢ଼ିବାକୁ ହେବ
ହାରିଯିବା ଆମର ପରିଚୟ ନୁହେଁ ।

ନିଜ ଭାବନାରେ ଡେଣା ବାନ୍ଧି
ଆମେ ଉଡ଼ିଯିବା ଶୂନ୍ୟରୁ ଅନନ୍ତକୁ
ଆଉ ଆମ ସଙ୍କଳ୍ପର ଶକ୍ତିରେ
ଆମ ମୁଠା ଭିତରେ ସାଉଁଟି ଆଣିବା
ମୁଠାଏ ପୃଥିବୀ ।

ଫଟାମୁଣ୍ଡା,
ଘଣ୍ଟାପଡା,
ବୌଦ୍ଧ-୭୬୨୦୧୮
ମୋ: ୯୧୭୮୮୦୩୩୮୮

ପ୍ରୀତିର ମନ୍ତ୍ର

ଅନସୂୟା ପଣ୍ଡା

ନାଗଫେଣୀ ଅଙ୍କୁରିତ ଦୁନିଆରେ
ସ୍ୱେଚ୍ଛ ଭାବଧାରାଟିଏ ମିଳିଗଲେ
ନିଃସ୍ୱାର୍ଥ ମନର ପୁଳିନରେ
ପ୍ରୀତିର ଆପଣା ରଙ୍ଗ ଭରେ।

ବିଭେଦର ଶିଉଳି ଉପରେ
ବାନ୍ଧିପାରେ ସମ୍ପର୍କ ସବୁକୁ ଚାତୁରୀରେ
ଗଣ୍ଠିଟିଏ ଦେଇ ତଲ୍ଲୀନ ଆବେଗରେ
କୁନ୍ଦକାମ ସଜେଇ ଚେତନାରେ
ମନ୍ତ୍ରିତ କରେ ଆଦ୍ୟାକ୍ଷର ସର୍ଜନଶୀଳତାରେ।

ପ୍ରୀତି କେବେ ହଳାହଳ ବିଷ
ଅବିଶ୍ୱାସର ନିଆଁରେ ନିଃଶେଷ
ବଞ୍ଜର ଭୂମିରେ ତିଆରେ ନୀଳ ଆମନ୍ତ୍ରଣ
ମନରେ ତିଆରେ ଏକ ମୁଗ୍ଧ ତିଳ ଚିହ୍ନ।

ପ୍ରୀତି ବୈଭବର ଚରମ ଶୃଙ୍ଗାର
ଅଳଙ୍କାର ବିନା ମାନସ
ରୂପମତି କରିଦିଏ ଅନ୍ତରୁ ବାହାର
କେବେ ପୁଣି ବେଦନାରେ ସ୍ୱାକ୍ଷର
ଜଡସଡ ନିଆଁର ଘୁଙ୍ଗୁର
ଆଣିଦିଏ କ୍ରାନ୍ତିର ଶବ୍ଦରେ କାଳ ବୈଶାଖୀ
ଢଳି ପଡେ ସମ୍ପର୍କର ମାଟିଘର ଛୁଇଁ ପବନର ତାତି।

ପ୍ରୀତି ପାଖୁଡା ପାଖୁଡା
ଚମ୍ପା ଫୁଲରେ ସୁଗନ୍ଧିତ ପରିଭାଷା
ମିଠା ଖୁସି ପିପାସାର ପଂକ୍ତି
ସମୟର ଚିତ୍ରିତ ଛାତିରେ ତପସ୍ୱୀର ଭ୍ରାନ୍ତି।

ପ୍ରୀତି କେବେ ମନତଳେ ଜଳୁଥିବା ଦୀପଟିଏ
ଏକାକାର କରି ଆଲୋକକୁ ଅନ୍ଧାରରେ
ଲେଖେ ସନ୍ଧ୍ୟାର ଆଳତି ସମ୍ଭାବନାରେ
କେବେ ଦେହକୁ ବିଦେହ କରେ
ରଚେ ଅର୍ଦ୍ଧନାରୀଶ୍ୱର ମନଝରଣାରେ
କେବେ ପୁଣି ଅଶ୍ରୁଧାର ପ୍ରଳୟ ତାଣ୍ଡବରେ।

ପ୍ରୀତିର ମନ୍ତ୍ରରେ ପଥର ଭାସେ ପାଣିରେ
ଜୀବନ ପୀୟୁଷ ନିମିଷ ନିମିଷ ଭରେ
ସୂର୍ଯ୍ୟ ବୁଡୁବୁଡୁ ନିଦ୍ରିତ ପାଖୁଡା ପଦ୍ମ ବୁଜିନିଏ
ତମାମ ରାତି ବନ୍ଦୀଥାଏ ଭଅଁର ସେଥିରେ
ତିଆରି ପାରିଥାନ୍ତା କ୍ଷତଟିଏ ବନ୍ଦ ପାଖୁଡ଼ାରେ
କିନ୍ତୁ ଅପେକ୍ଷାରେ ଅପେକ୍ଷାରେ ତିଆରେ
ସମୃଦ୍ଧି ସ୍ୱତନ୍ତ୍ର ପ୍ରୀତିର ଧୈର୍ଯ୍ୟର ସ୍ୱାକ୍ଷରେ।



ଭୁବନେଶ୍ୱର
ମୋ-୯୪୩୯୨୧୧୯୭୧

କାଠ

ସୁନନ୍ଦା ମହାନ୍ତି



କାଠ ହୋଇଗଲେ ଉତ୍ତମ
ବଞ୍ଚିବାକୁ ସହଜ ସୁଲଭ
ସହିବାକୁ ଦୁଃଖ ସୁଖ ଜଉଘର
ଠିକ ଲାଜକୁଳି ଲତାପରି
କଇଁଚ ପିଠିଆ ସରି
କାଠ ନିଜେ ନିଜ ଦେହକୁ ମାଜୁଥାଇ
ଛତୁ ଫୁଟୁ ନିଶ ଉଠୁ କାହାର କ'ଣ ଯାଇ
କାଠ ନହେଲେ ତୁଠ
ନହେଲେ କୋଉ ବାଡ଼ି ମଠ
ବଞ୍ଚିବା ପାଇଁ କାଠ ହିଁ ନିଜ ସାହାରା
ଯେ ଅନ୍ୟର ହୋଇପାରେ ଆସରା
ପିମ୍ପୁଡି ନଦୀ ପାର ହୁଏ
କାଠ ଡ଼ଙ୍ଗା ହାଟ ଡ଼ଙ୍ଗା ସାଜି ନାଆ ବାହୁଥାଏ
ତା ଦେହରୁ ଜଗନ୍ନାଥ ଆର୍ଯ୍ୟ
ସେ ଭିତରେ କଳା ଓ ଭାସ୍କର୍ଯ୍ୟ
ତା ପାଇଁ ରୁଖା ଓ ବଇଠି
ବର୍ଜ୍ୟ କହି ରଦ୍ଦି ହୋଇ ପଡେ ଏଠି ସେଠି
ସଂସ୍କୃତି ପରମ୍ପରା ପ୍ରତୀକ ସାଜି
ସଜାଏ କେ ବୈଠକ ଘର ଗୋଟି
ପିଢା ବିନା ଶ୍ରାଦ୍ଧ ହୁଏନା କୋଉଠି
କାଠ ଚଉକିଟା ବାପାଙ୍କର ଜଗାଏ ସ୍ମୃତି
ବାପା ଥିଲେ ସଭାରେ ହାରୁନଥିବା ପୁଅ
ଏବେ ଲଗାଉଛି ଗଛ
ଗଛ ବଞ୍ଚିଲେ ବାପାଙ୍କ ନାଁ ଗାଁ ଭେଟି
ଫେରିବ କାଠ ହୋଇ କାଠି ଯାତ୍ରା
ନବକଳେବର ପାଇଁ ଲଗାଅ ଲିମ୍ବ ଗଛ
ଏଠି ସେଠି ସବୁଠି
ଆମ୍ବ ପଣସ ବଉଳ ଗୋଟେ ଦି ଚାରୋଟି
କାଠ ନିଷ୍ଟେ ଦରକାର ଗଛ ନ କାଟି
କାଠ ପରି କାଠ ଦିଅଁ ହେବାକୁ ସାଉଁଟି
ଆପଣାଛାଏଁ ବଞ୍ଚିବାକୁ ଅନ୍ୟର ସାହାରା ଗୋଟି
କାଠ ହୋଇ ଚକା ଦିଅଁ ଚାହାଁନ୍ତି ଲେଉଟି
କାଠ ଭିତରେ ପରଂବ୍ରହ୍ମ ଦେଖିଛ କୋଉଠି।

ସାକ୍ଷୀଗୋପାଳ
ପୁରୀ
୯୦୪୦୯୭୭୩୬୭

32 YEARS
ସମୟ କଣ୍ଠିକା
ଭୁବନେଶ୍ୱର, ୧୩ ନଭେମ୍ବର, ଶୁକ୍ରବାର, ୨୦୨୬
ପୃଷ୍ଠା – ୬

୨୧ ଛକା ମାରି ଇତିହାସ ରଚିଲେ କିୱି ବ୍ୟାଟର

ନୂଆଦିଲ୍ଲୀ



ବ୍ୟାଟ୍‌ରୁ ବର୍ଷିଲା ଛକା ଓ ଚୌକା। ଗୋଟିଏ ଇନିଂସରେ ୨୧ଟି ଛକା ମାରି ନୂଆ ରେକର୍ଡ କରିଛନ୍ତି ନ୍ୟୁଜିଲାଣ୍ଡର ଷ୍ଟାର ବ୍ୟାଟର ବେଭନ୍ ଜାକବ୍ସ। ଫୋର୍ଡ ଟ୍ରଫିରେ ଅକଲାଣ୍ଡ ଏସେସ୍ ପକ୍ଷରୁ ଖେଳୁଥିବା ଜାକବ୍ସ ଓଟାଗୋ ଭୋଲ୍ଟସ୍ ବିପକ୍ଷରେ ଏହି ଦମଦାର ଇନିଂସ ଖେଳିଛନ୍ତି।

ଜାକବ୍ସ ମାତ୍ର ୧୩୭ଟି ବଲ୍‌ରୁ ୭ଟି ଚୌକା ଓ ୨୧ଟି ଛକା ସହାୟତାରେ ଅପରାଜିତ ୨୦୨ ରନ୍ କରିଥିଲେ। ଏହି ପ୍ରଦର୍ଶନ ସହ ସେ ନ୍ୟୁଜିଲାଣ୍ଡ ପକ୍ଷରୁ ଲିଷ୍ଟ-ଏ କ୍ରିକେଟ୍‌ର ଗୋଟିଏ ଇନିଂସରେ ସର୍ବାଧିକ ଛକା ମାରିବାର ରେକର୍ଡ ନିଜ ନାଁରେ କରିଛନ୍ତି। ଲିଷ୍ଟ-ଏ କ୍ରିକେଟ୍‌ର ଗୋଟିଏ ଇନିଂସରେ ସର୍ବାଧିକ ଛକା ମାରିବାର ବିଶ୍ୱ ରେକର୍ଡ ଅଷ୍ଟ୍ରେଲିଆର ଡିଆର୍କି ଶର୍ଟ୍‌ଙ୍କ ନାଁରେ ରହିଛି। ସେ ଗୋଟିଏ ଇନିଂସରେ ୨୩ଟି ଛକା ମାରିଥିଲେ। ତେବେ ୨୧ଟି ଛକା ମାରିଥିବା ଜାକବ୍ସ ଏହି ବିଶ୍ୱ ରେକର୍ଡଠାରୁ ମାତ୍ର ୩ଟି ଛକା ପଛରେ ରହିଗଲେ।

ଅନ୍ୟପକ୍ଷରେ, ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ୍‌ର ଗୋଟିଏ ଇନିଂସରେ ସର୍ବାଧିକ ଛକା ମାରିବାର ରେକର୍ଡ ଇଂଲଣ୍ଡର ପୂର୍ବତନ ଖେଳାଳି ଇଅନ୍ ମୋର୍ଗାନଙ୍କ ନାଁରେ ରହିଛି। ୨୦୧୯ରେ ଆଫଗାନିସ୍ତାନ ବିପକ୍ଷରେ ସେ ୧୭ଟି ଛକା ମାରିଥିଲେ। ଏହି ତାଲିକାରେ ଭାରତର ରୋହିତ ଶର୍ମା ୧୬ଟି ଛକା ସହ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ସେ ୨୦୧୩ରେ ଅଷ୍ଟ୍ରେଲିଆ ବିପକ୍ଷରେ ଏହି କୀର୍ତ୍ତିମାନ କରିଥିଲେ।

ଜାକବ୍ସଙ୍କ ଅପରାଜିତ ଦ୍ୱିଶତକ ସତ୍ତ୍ୱେ ଅକଲାଣ୍ଡ ଏସେସ୍‌କୁ ପରାଜୟର ସାମ୍ନା କରିବାକୁ ପଡ଼ିଛି। ପ୍ରଥମେ ବ୍ୟାଟିଂ କରି ଅକଲାଣ୍ଡ ଦଳ ୫୦ ଓଭରରେ ୮ ୱିକେଟ୍ ହରାଇ ୩୩୪ ରନ୍ କରିଥିଲା। ଜାକବ୍ସଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟାଟର ୫୦ ରନ୍‌ର ସଂଖ୍ୟା ଛୁଇଁ ପାରିନଥିଲେ।

ଅଣ୍ଡର-୧୯ ଏସିଆ କପ୍‌ରେ ରନ୍‌ର ପାହାଡ଼ ଠିଆ କଲେ ଜୁନିୟର ସେହ୍ୱାଗ

ଆଫଗାନିସ୍ତାନକୁ ହରାଇ ଫାଇନାଲ୍‌ରେ ଭାରତ

ଅଲ ଅମରାତ



ଗୁରୁବାର ଅନୁଷ୍ଠିତ ସେମି ଫାଇନାଲ ମ୍ୟାଚ୍‌ରେ ଆଫଗାନିସ୍ତାନକୁ ୮ ୱିକେଟରେ ପରାସ୍ତ କରି, ଭାରତ ୨୦୨୬ ଅଣ୍ଡର-୧୯ ଏସିଆ କପର ଟାଇଟଲ ଜିତିବା ଠାରୁ ମାତ୍ର ଗୋଟିଏ ପାଦ ଦୂରରେ ରହିଛି। ଲକ୍ଷ୍ୟ ପିଛା କରିବା ସମୟରେ, ବୀରେନ୍ଦ୍ର ସେହ୍ୱାଗଙ୍କ ପୁଅ ଆର୍ଯ୍ୟବୀର ସେହ୍ୱାଗ ଅଧିନାୟକଙ୍କ ସହ ମିଶି ପ୍ରଥମ ୱିକେଟ ପାଇଁ ଶତକୀୟ ଭାଗୀଦାରୀ ଗଢ଼ିଥିଲେ। ବର୍ତ୍ତମାନ ଚଳିତ ଟୁର୍ଣ୍ଣାମେଣ୍ଟରେ ଆର୍ଯ୍ୟବୀର ସର୍ବାଧିକ ରନ ସଂଗ୍ରହକାରୀ ଖେଳାଳି ଅଛନ୍ତି।

ଅଣ୍ଡର-୧୯ ଏସିଆ କପ ସେମିଫାଇନାଲରେ, ଆଫଗାନିସ୍ତାନ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଭାରତୀୟ ବୋଲରମାନେ ଆଫଗାନିସ୍ତାନକୁ ମୋଟ ୨୨୭ ରନରେ ସୀମିତ ରଖିଥିଲେ। ଏହାର ଜବାବରେ, ଭାରତୀୟ ଅଧିନାୟକ ଲକ୍ଷ୍ୟ ରାୟଚନ୍ଦାନୀ ଏବଂ ଆର୍ଯ୍ୟବୀର ସେହ୍ୱାଗ ପ୍ରଥମ ୱିକେଟ ପାଇଁ ୧୧୭ ରନର ଭାଗୀଦାରୀ ଗଢ଼ିଥିଲେ। ସେହ୍ୱାଗ ୫୭ଟି ବଲ ଖେଳି ୫୧ ରନ ସଂଗ୍ରହ କରିଥିଲେ; ତାଙ୍କର ଏହି ଇନିଂସରେ ୪ଟି ଛକା ଏବଂ ୪ଟି ଚୌକା ସାମିଲ ଥିଲା।

ଆର୍ଯ୍ୟବୀର ସେହ୍ୱାଗ ବର୍ତ୍ତମାନ ୨୦୨୬ ଅଣ୍ଡର-୧୯ ଏସିଆ କପରେ ସର୍ବାଧିକ ରନ ସଂଗ୍ରହକାରୀ ଅଟନ୍ତି। ସେ ୪ଟି ଇନିଂସରେ ମୋଟ ୩୦୩ ରନ ସଂଗ୍ରହ କରିଛନ୍ତି, ଯେଉଁଥିରେ ତାଙ୍କର ହାରାହାରି ୧୦୧ ଏବଂ ଷ୍ଟ୍ରାଇକ୍ ରେଟ୍ ୯୫.୫୮ ରହିଛି। ଏହି ଇନିଂସଗୁଡ଼ିକ ମଧ୍ୟରେ ସେ ମୋଟ ୧୬ଟି ଛକା ଏବଂ ୨୯ଟି ଚୌକା ମାରିଛନ୍ତି। ତାଙ୍କ ବ୍ୟତୀତ, ଏହି ଟୁର୍ଣ୍ଣାମେଣ୍ଟରେ କେବଳ ଅନ୍ୟ ଦୁଇଜଣ ବ୍ୟାଟର ୧୦ କିମ୍ବା ତଦୁର୍ଦ୍ଧ୍ୱ ଛକା ମାରିଛନ୍ତି।

ଚଳିତ ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ରନ ସଂଗ୍ରହକାରୀଙ୍କ ତାଲିକାରେ ଆର୍ଯ୍ୟବୀର ସେହ୍ୱାଗଙ୍କ ପଛକୁ ପାକିସ୍ତାନର ଉସ୍‌ମାନ ଖାନ ରହିଛନ୍ତି। ସେ ୪ଟି ଇନିଂସରେ ୨୩୮ ରନ ସଂଗ୍ରହ କରିଛନ୍ତି, ଯେଉଁଥିରେ ସେ ୩୧ଟି ଚୌକା ଏବଂ ୩ଟି ଛକା ମାରିଛନ୍ତି।

୨୦୨୬ ଅଣ୍ଡର-୧୯ ଏସିଆ କପର ଗ୍ରୁପ ପର୍ଯ୍ୟାୟରେ ପାକିସ୍ତାନ ଭାରତକୁ ପରାସ୍ତ କରିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଏହା ଏକମାତ୍ର ମ୍ୟାଚ୍ ଥିଲା ଯେଉଁଥିରେ ଆର୍ଯ୍ୟବୀର ୫୦ ରନରୁ କମ୍ ସ୍କୋର କରିଥିଲେ; ସେ ମାତ୍ର ୨୨ ରନ ସଂଗ୍ରହ କରିପାରିଥିଲେ ଏବଂ ଭାରତୀୟ ଦଳ ମୋଟ ୨୦୮ ରନରେ ଅଲ ଆଉଟ ହୋଇଯାଇଥିଲା। ଏହାର ଜବାବରେ, ପାକିସ୍ତାନ ୧୧ଟି ବଲ ବାକି ଥାଉ ଥାଉ ଲକ୍ଷ୍ୟ ହାସଲ କରିନେଲା ଏବଂ ୩ ୱିକେଟରେ ବିଜୟୀ ହେଲା।

ବର୍ତ୍ତମାନ, ଭାରତ ପାକିସ୍ତାନ ଠାରୁ ପ୍ରତିଶୋଧ ନେବାର ଏକ ସୁବର୍ଣ୍ଣ ସୁଯୋଗ ପାଇଛି, କାରଣ ଅଣ୍ଡର-୧୯ ଏସିଆ କପର ଫାଇନାଲରେ ଉଭୟ ଦଳ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ସେମିଫାଇନାଲରେ ବାଂଲାଦେଶକୁ ୯ ୱିକେଟରେ ପରାସ୍ତ କରି ପାକିସ୍ତାନ ଫାଇନାଲରେ ପ୍ରବେଶ କରିଛି। ଫାଇନାଲ ମ୍ୟାଚ ନଭେମ୍ବର ୧୪, ଶନିବାର ଅନୁଷ୍ଠିତ ହେବ ଏବଂ ଏହା ଭାରତୀୟ ମାନକ ସମୟ ଅନୁଯାୟୀ ସକାଳ ୧୦ଟା ୩୦ରେ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି।

ମୁମ୍ବାଇ କ୍ରିକେଟ୍ ସଂଗ୍ରହାଳୟରେ ପ୍ରଦର୍ଶିତ ହେବ ସଚିନ ତେନ୍ଦୁଲକରଙ୍କ ୨୬ଟି ଐତିହାସିକ ବ୍ୟାଟ୍



ମୁମ୍ବାଇ

ଭାରତୀୟ କ୍ରିକେଟ୍‌ର ଐତିହ୍ୟ ଏବଂ ଖେଳର ଇତିହାସକୁ ସଂରକ୍ଷଣ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, କିମ୍ବଦନ୍ତୀ କ୍ରିକେଟର୍ ସଚିନ ତେନ୍ଦୁଲକର ତାଙ୍କ କ୍ୟାରିୟରର କିଛି ସ୍ୱତନ୍ତ୍ର ବ୍ୟାଟ୍ ଏବଂ ସ୍ମରଣୀୟ ଜିନିଷ ମୁମ୍ବାଇ କ୍ରିକେଟ୍ ଆସୋସିଏସନ୍ (ଏମସିଏ)କୁ ଉପହାର ଦେବେ। ଏହି ଜିନିଷଗୁଡ଼ିକ, ଯେଉଁଥିରେ ସେ ତାଙ୍କର ୧୦୦ତମ ଅନ୍ତର୍ଜାତୀୟ ଶତକ ହାସଲ କରିଥିଲେ, ଏମସିଏର ଶରଦ ପାୱାର କ୍ରିକେଟ୍ ସଂଗ୍ରହାଳୟରେ ପ୍ରଦର୍ଶିତ ହେବ। ଏହି ସ୍ୱତନ୍ତ୍ର ସଂଗ୍ରହ ୧୬ ନଭେମ୍ବର ୨୦୨୬ରେ ଏକ ସମାରୋହରେ ଉନ୍ମୋଚିତ ହେବ। ଏହି ତାରିଖଟି ସଚିନ ତେନ୍ଦୁଲକର ଆନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେବାର ୧୩ ବର୍ଷ ପୂରଣ କରୁଛି। ସେ ନଭେମ୍ବର ୧୬, ୨୦୧୩ରେ ତାଙ୍କ ଘରୋଇ ଗ୍ରାଉଣ୍ଡ ୱାଙ୍ଖେଡେ ଷ୍ଟାଡିୟମରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ୨୦୦ତମ ଟେଷ୍ଟ ମ୍ୟାଚ୍ ଖେଳି ଅନ୍ତର୍ଜାତୀୟ କ୍ରିକେଟକୁ ବିଦାୟ ଦେଇଥିଲେ। ଏହି ଅବସରକୁ ପାଳନ କରିବା ପାଇଁ, ସଂଗ୍ରହାଳୟ ପ୍ରଥମ ଥର ପାଇଁ ଏକ ବିଶେଷ ପ୍ରଦର୍ଶନୀ 'ବାଟୋଗ୍ରାଫି' ଆରମ୍ଭ କରିବ, ଯେଉଁଥିରେ ସଚିନଙ୍କ କ୍ୟାରିୟରର ୨୬ଟି ବ୍ୟାଟ୍ ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ମରଣୀୟ ଜିନିଷ ପ୍ରଦର୍ଶିତ ହେବ। 'ବାଟୋଗ୍ରାଫି' ନାମଟି ଜୀବନୀର ଧାରଣା ଦ୍ୱାରା ଅନୁପ୍ରାଣିତ। ଏହା ମାଷ୍ଟର ବ୍ଲାଷ୍ଟରଙ୍କ କ୍ୟାରିୟରରେ ଐତିହାସିକ ଏବଂ ସ୍ମରଣୀୟ ମୁହୂର୍ତ୍ତର ସାକ୍ଷୀ ଥିବା ବ୍ୟାଟ୍‌ମାନଙ୍କ କାହାଣୀ ମାଧ୍ୟମରେ ତାଙ୍କ କ୍ରିକେଟ୍ ଯାତ୍ରାକୁ ଉପସ୍ଥାପନ କରିବ। ପ୍ରତ୍ୟେକ ବ୍ୟାଟ୍ ତାଙ୍କ ଚମତ୍କାର କ୍ୟାରିୟରର ଏକ ନିର୍ଦ୍ଦିଷ୍ଟ ଅଧ୍ୟାୟକୁ ପ୍ରତିନିଧିତ୍ୱ କରିବ, ଯାହା କ୍ରିକେଟ୍ ପ୍ରଶଂସକଙ୍କୁ ତାଙ୍କ ରେକର୍ଡ ଏବଂ ସଫଳତା ପଛରେ ଥିବା କାହାଣୀଗୁଡ଼ିକୁ ଗଭୀର ଭାବରେ ଖୋଳିବାର ସୁଯୋଗ ପ୍ରଦାନ କରିବ।

ବାଂଲାଦେଶକୁ ପରାସ୍ତ କରି ଫାଇନାଲରେ ପହଞ୍ଚିଲା ପାକିସ୍ତାନ

ଅଲ ଅମରାତ



ଅଣ୍ଡର-୧୯ ଏସିଆ କପର ପ୍ରଥମ ଫାଇନାଲିଷ୍ଟ (ଅନ୍ତିମ ପର୍ଯ୍ୟାୟକୁ ଯାଇଥିବା ଦଳ) ସ୍ଥିର ହୋଇଯାଇଛି। ପ୍ରଥମ ସେମିଫାଇନାଲରେ ବାଂଲାଦେଶକୁ ପରାସ୍ତ କରି ଚଳିତ ଚାମ୍ପିୟନ ପାକିସ୍ତାନ ଫାଇନାଲରେ ନିଜ ସ୍ଥାନ ପକ୍କା କରିଛି। ଅଲ ଅମରାତ କ୍ରିକେଟ ଗ୍ରାଉଣ୍ଡ (ମିନିଷ୍ଟ୍ରି ଟର୍ଫ-୧) ଠାରେ ବାଂଲାଦେଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା, କିନ୍ତୁ ଏହି ନିଷ୍ପତ୍ତି ସେମାନଙ୍କ ସପକ୍ଷରେ ଯାଇନଥିଲା। ରିଜୱାନୁଲ୍ଲାହ ୫ଟି ୱିକେଟ ନେଇ ବାଂଲାଦେଶର ବ୍ୟାଟିଂ କ୍ରମକୁ ଭାଙ୍ଗି ଦେଇଥିଲେ ଏବଂ ସେମାନଙ୍କ ଇନିଂସକୁ ୩୧.୪ ଓଭରରେ ମାତ୍ର ୧୩୮ ରନରେ ସୀମିତ ରଖିଥିଲେ। ଏହାର ଜବାବରେ, ପାକିସ୍ତାନର ଓପନର ଉସମାନ ଖାନ ଏବଂ ହୟାମ ଖାନ ଉଭୟ ଅର୍ଦ୍ଧଶତକ ହାସଲ କରିଥିଲେ ଏବଂ ନିଜ ଦଳକୁ ୨୨ତମ ଓଭର ସୁଦ୍ଧା ଲକ୍ଷ୍ୟସ୍ଥଳରେ ପହଞ୍ଚାଇ ଦେଇଥିଲେ। ନଭେମ୍ବର ୧୪ରେ ହେବାକୁ ଥିବା ଫାଇନାଲ ମ୍ୟାଚରେ ପାକିସ୍ତାନର ମୁକାବିଲା ଭାରତ ସହ ହେବାର ସମ୍ଭାବନା ରହିଛି।

ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶର ଆରମ୍ଭ ଅତ୍ୟନ୍ତ ଖରାପ ହୋଇଥିଲା ଏବଂ ଇନିଂସର ଦ୍ୱିତୀୟ ଓଭରରେ ହିଁ ଦଳ ନିଜର ପ୍ରଥମ ୱିକେଟ ହରାଇଥିଲା। ଜରିଫ ସିଆମ ମାତ୍ର ୧ ରନ ସଂଗ୍ରହ କରି ପାଭିଲିୟନ ଫେରିଯାଇଥିଲେ। ଏହାର କିଛି ସମୟ ପରେ, କୌସର ଅହମ୍ମଦ ମଧ୍ୟ ୯ ରନ କରି ଆଉଟ ହୋଇଯାଇଥିଲେ। ଦଳୀୟ ସ୍କୋର ୨୫ ରନରେ ପହଞ୍ଚିବା ବେଳକୁ ବାଂଲାଦେଶ ଦୁଇଟି ୱିକେଟ ହରାଇ ସାରିଥିଲା। ତେବେ, ଓପନିଂ ବ୍ୟାଟର ଅବଦୁଲ୍ଲା ଅଲ ମୁହି ଗୋଟିଏ ପଟେ ଦୃଢ଼ତାର ସହ ଛିଡ଼ା ହୋଇ ରହିଥିଲେ; ସେ ଅଧିନାୟକ ମହମ୍ମଦ ଫରିଦ ହାସନ ଫେସଲଙ୍କ ସହ ମିଶି ତୃତୀୟ ୱିକେଟ ପାଇଁ ୪୩ ରନ ଯୋଡ଼ିଥିଲେ। ଫରିଦ ୧୭ ରନ କରି ଆଉଟ ହୋଇଥିବା ବେଳେ ଅହସାନ ଅଲ ମୁମିନ ମାତ୍ର ୧ ରନ ଯୋଗ କରିପାରିଥିଲେ।

ଅବଦୁଲ୍ଲା ଅଲ ମୁହି ୪୫ଟି ବଲ ଖେଳି ୫୦ ରନ ସଂଗ୍ରହ କରିଥିଲେ, ଯେଉଁଥିରେ ୪ଟି ଚୌକା ଏବଂ ୨ଟି ଛକା ସାମିଲ ଥିଲା। ଏହା ବ୍ୟତୀତ, ଅଲ ରଫି ୨୨ଟି ବଲରୁ ୨୦ ରନ କରିଥିଲେ ଏବଂ ରକିବୁଲ ହୁସେନ ୩୯ଟି ବଲରୁ ୨୬ ରନ କରି ଇନିଂସକୁ ସମ୍ଭାଳିବାକୁ ଚେଷ୍ଟା କରିଥିଲେ। ତଥାପି, ବାଂଲାଦେଶର ଅନ୍ୟ ବ୍ୟାଟରମାନେ ପାକିସ୍ତାନର ବୋଲିଂ ଆକ୍ରମଣକୁ ଅଧିକ ସମୟ ସାମ୍ନା କରିପାରିନଥିଲେ। ରିଜୱାନୁଲ୍ଲା ଚମତ୍କାର ବୋଲିଂ ପ୍ରଦର୍ଶନ କରି ନିଜର ୮ ଓଭରରେ ୩୦ ରନ ଦେଇ ୫ଟି ୱିକେଟ ନେଇଥିଲେ, ଯାହା ବାଂଲାଦେଶର ବ୍ୟାଟିଂ କ୍ରମକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଥିଲା। ମହମ୍ମଦ ସୟାମ ୨ଟି ୱିକେଟ ନେଇଥିବା ବେଳେ ଅଲି ରଜା, ହସନାଇନ ଅବାସ ଦାର ଏବଂ ଅହମ୍ମଦ ହୁସେନ ପ୍ରତ୍ୟେକ ଗୋଟିଏ ଲେଖାଏଁ ୱିକେଟ ହାସଲ କରିଥିଲେ। ଫଳରେ, ସମ୍ପୂର୍ଣ୍ଣ ବାଂଲାଦେଶ ଦଳ ୩୨ ଓଭର ମଧ୍ୟରେ ଅଲ ଆଉଟ ହୋଇଯାଇଥିଲା।

ଜାତୀୟ ବରିଷ୍ଠ ତୀରନ୍ଦାଜୀ ଚାମ୍ପିୟନସିପ୍ ପାଇଁ ମୟୂରଭଞ୍ଜର ଦୁଇ ଖେଳାଳି ମନୋନୀତ

ବାରିପଦା, ନ୍ୟୁଜ୍‌ବ୍ୟୁରୋ



ମୟୂରଭଞ୍ଜ ଜିଲ୍ଲାର କ୍ରୀଡ଼ା ଜଗତ ପାଇଁ ଆଉ ଏକ ଗୌରବର ବିଷୟ ଓ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ଦୁଇ ପ୍ରତିଭାବାନ ତୀରନ୍ଦାଜ ରୋହିତ କୁମାର ମାର୍ଣ୍ଡି ଓ ଗୋବିନ୍ଦ ମାଞ୍ଜୀ ମେଘାଳୟର ଶିଲଙ୍ଗ ଠାରେ ଅନୁଷ୍ଠିତ ହେବାକୁ ଥିବା ୩୩ତମ ବରିଷ୍ଠ ଜାତୀୟ ତୀରନ୍ଦାଜୀ ଚାମ୍ପିୟନସିପ୍–୨୦୨୬ ପାଇଁ ଓଡ଼ିଶା ଦଳରେ ମନୋନୀତ ହୋଇଛନ୍ତି। ଓଡ଼ିଶା ତୀରନ୍ଦାଜୀ ସଂଘ ପକ୍ଷରୁ ଅକ୍ଟୋବର ୮ ତାରିଖରେ ପ୍ରକାଶିତ ଚୂଡ଼ାନ୍ତ ଚୟନ ତାଲିକା ଅନୁଯାୟୀ, ଉଭୟ ଖେଳାଳି ଇଣ୍ଡିଆନ୍ ରାଉଣ୍ଡ ବର୍ଗରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଗ୍ରାମାଞ୍ଚଳ ଓ ଆଦିବାସୀ ଅଞ୍ଚଳର ପ୍ରତିଭାବାନ ଖେଳାଳିଙ୍କୁ ଚିହ୍ନଟ କରି ସେମାନଙ୍କୁ ଉପଯୁକ୍ତ କ୍ରୀଡ଼ା ପ୍ରଶିକ୍ଷଣ ଓ ସୁଯୋଗ ପ୍ରଦାନ କରିବା ଦିଗରେ କାର୍ଯ୍ୟରତ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀ ପାଇଁ ଏହି ସଫଳତା ଏକ ଗର୍ବର ବିଷୟ। ରୋହିତ ଓ ଗୋବିନ୍ଦଙ୍କ ଏହି ମନୋନୟନ ଏକାଡେମୀର କ୍ରୀଡ଼ା ବିକାଶ ଯାତ୍ରାରେ ଆଉ ଏକ ଉଲ୍ଲେଖନୀୟ ଉପଲବ୍ଧି ଯୋଡ଼ିଛି। ଏହି ସଫଳତା ପାଇଁ ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶୁଭାଶିଷ ନାୟକ, ମୟୂରଭଞ୍ଜ ଜିଲ୍ଲା କ୍ରୀଡ଼ା ସଂଘ ସମ୍ପାଦକ ବିଜୟ କୁମାର ଦାସ, ବାରିପଦା ପୌରପରିଷଦ ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଯୁବ ସମାଜସେବୀ ରାକେଶ ସିଂ, ଏକାଡେମୀ ନିର୍ଦ୍ଦେଶକ ଅମର କୁମାର ସେଠୀ, ଉପଦେଷ୍ଟା ସୋମନାଥ ସିଂହ ଓ ମଙ୍ଗଳ ହାଁସଦା, ସହ-ପ୍ରତିଷ୍ଠାତା ରୂପାଲୀ ସୋରେନ ଓ ସାଇ କିରଣ ନାୟକ, ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ ଏବଂ ପ୍ରଶିକ୍ଷକ ତରଣିସେନ୍ ନାୟକ ଓ ଫୁଲମଣି ପାଲେୟା ଦୁଇ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇବା ସହ ସଫଳତା କାମନା କରିଛନ୍ତି।

ଭାରତର ୨୯ତମ ଦିନିକିଆ ଅଧିନାୟକ ହେଲେ ଶ୍ରେୟସ ଆୟର

ନୂଆଦିଲ୍ଲୀ

ନ୍ୟୁଜିଲାଣ୍ଡ ବିପକ୍ଷ ଚତୁର୍ଥ ଏବଂ ପଞ୍ଚମ ଦିନିକିଆ ମ୍ୟାଚରେ ଶ୍ରେୟସ ଆୟର ଭାରତୀୟ ଦଳର ନେତୃତ୍ୱ ନେବେ। ପ୍ରଥମ ତିନୋଟି ମ୍ୟାଚ୍‌ରେ ନିୟମିତଭାବେ ଅଧିନାୟକ ଶୁଭମନ ଗିଲ୍ ଦଳର ନେତୃତ୍ୱ ନେଇଥିଲେ। ଆଗାମୀ ଟେଷ୍ଟ ସିରିଜକୁ ଦୃଷ୍ଟିରେ ରଖି, ଗିଲଙ୍କ ସମେତ କିଛି ଖେଳାଳି ଚତୁର୍ଥ ଏବଂ ପଞ୍ଚମ ଦିନିକିଆ ମ୍ୟାଚ୍‌ରେ ଖେଳିବେ ନାହିଁ। ଗିଲଙ୍କ ଅନୁପସ୍ଥିତିରେ ଦଳର ଦାୟିତ୍ୱ ଗ୍ରହଣ କରି, ଆୟର ଭାରତର ୨୯ତମ ଦିନିକିଆ ଅଧିନାୟକ ହେବେ। ପ୍ରଥମଥର ପାଇଁ ଆୟର କୌଣସି ଦିନିକିଆ ମ୍ୟାଚରେ ଭାରତୀୟ ଦଳର ନେତୃତ୍ୱ ନେବାକୁ ଯାଉଛନ୍ତି। ଅଜିତ ୱାଡେକର ଏହି ଫର୍ମାଟରେ ପ୍ରଥମ ଥର ପାଇଁ ଭାରତର ଅଧିନାୟକତ୍ୱ କରିଥିଲେ। ୧୯୭୪ ମସିହା ଜୁଲାଇ ମାସରେ ଇଂଲଣ୍ଡ ବିପକ୍ଷରେ ଭାରତୀୟ ଦଳ ନିଜର ପ୍ରଥମ ଦିନିକିଆ (ଡଉଓ) ମ୍ୟାଚ୍ ଖେଳିଥିଲା। ଅଧିନାୟକ ୱାଡେକର ଦଳ ପାଇଁ ୬୭ ରନ୍ ସଂଗ୍ରହ କରିଥିଲେ। ଲିଡ୍ସର ହେଡିଙ୍ଗଲି ଠାରେ ଅନୁଷ୍ଠିତ ଏହି ମ୍ୟାଚରେ ଆୟୋଜକ ଇଂଲଣ୍ଡ ୪ ୱିକେଟରେ ବିଜୟୀ ହୋଇଥିଲା।

ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଚତୁର୍ଥ ଦିନିକିଆ ମ୍ୟାଚ୍ ନଭେମ୍ବର ୧୩ (ଶୁକ୍ରବାର) ଦିନ ମାଉଣ୍ଟ ମାଉଙ୍ଗାନୁଇର 'ବେ ଓଭାଲ୍' ଠାରେ ଖେଳାଯିବ। ଏହି ମ୍ୟାଚ୍ ସକାଳ ୭:୩୦ (ଭାରତୀୟ ସମୟ) ରେ ଆରମ୍ଭ ହେବ। ଟସ୍ ଏହାର ଅଧ ଘଣ୍ଟା ପୂର୍ବରୁ, ଅର୍ଥାତ୍ ସକାଳ ୭:୦୦ ଟାରେ ଅନୁଷ୍ଠିତ ହେବ।

ମୋଷ୍ଟ ୱାଣ୍ଟେଡ୍ ସୂର୍ଯ୍ୟ ଗିରଫ : ୧୦୩ ଗ୍ରାମର ହେରୋଇନ, ବାଇକ୍, ନଗଦ ୪୧ ହଜାର ଟଙ୍କା ଜବତ

ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ



ବିରିଡି ଥାନା ସରାଇକଣା ଗ୍ରାମରୁ ଜଣେ ନିଶା ମାଫିଆଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ଭ୍ରାମ୍ୟମାଣ ସଂସ୍ଥା। ଯାଞ୍ଚ ପରେ ତାଙ୍କ ପାଖରୁ ୧୦୩ ଗ୍ରାମର ହେରୋଇନ୍, ନଗଦ ୪୧,୧୦୦ ଟଙ୍କା ଏବଂ ଏକ ଟିଭି ଏସ୍ ରାଇଡର ମୋଟରସାଇକେଲ ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ ବିରିଡି ଥାନା ସରାଇକଣା ଗ୍ରାମର ଜେନାମଣି ସୂର୍ଯ୍ୟମାଧବ କେଶରୀ ବଳବନ୍ତରାୟ ଜଣେ ପେଶାଦାର ବ୍ରାଉନସୁଗାର ବେପାରୀ ହୋଇଥିବାବେଳେ ଦୀର୍ଘ ଦିନ ଧରି ସରାଇକଣା ଅଞ୍ଚଳରେ ହେରୋଇନ୍ ବେପାର କରୁଥିବା ବେଳେ ସେ ଅବକାରୀ ବିଭାଗର ସ୍କାନରରେ ଥିଲା। ସବୁଥର ଭଳି ଅବକାରୀ ବିଭାଗକୁ ଚକ୍‌ମା ଦେଇ ଖସିଯାଉଥିବାବେଳେ ଅନେକ କସରତ୍ ପରେ ତାକୁ ଅବକାରୀ ବିଭାଗ କାବୁ କରିନେଇଥିଲା। ଏକ ଗୁଇନ୍ଦା ଖବରକୁ ଭିତ୍ତି କରି ପ୍ରାଶାନ୍ତଙ୍କ ସର୍ମ୍ପକରେ ତଥ୍ୟ ବାହାର କରିଥିଲେ ସବ୍-ଇନ୍‌ସପେକ୍ଟର ଭାଗ୍ୟଲକ୍ଷ୍ମୀ ଦଳାଇ। ଗ୍ରାହକଙ୍କୁ ବିକ୍ରି କରିବା ଉଦ୍ଦେଶ୍ୟରେ ସେ ଗୁରୁବାର ହେରୋଇନ ରଖିଥିବାର ସୂଚନା ପାଇବା ପରେ ସକାଳ ସମୟରେ ଜଗତସିଂହପୁର ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର ସବ୍-ଇନ୍‌ସପେକ୍ଟର ଭାଗ୍ୟଲକ୍ଷ୍ମୀ ଦଳାଇ, ଏଏସ୍‌ଆଇ କ୍ଷୀରୋଦ କୁମାର ସାହୁ, କନଷ୍ଟେବଳ ବିଶ୍ୱନାଥ ମୁଣ୍ଡା, ଶୁଭଶ୍ରୀ ବିଶ୍ୱାଳ, ସୁକାନ୍ତ ମାଝୀ, ବିଶ୍ୱରଞ୍ଜନ ସ୍ୱାଇଁ

32 YEARS
ସମ୍ବାଦ କଣିକା
ଭୁବନେଶ୍ୱର,୧୩ ନଭେମ୍ବର, ୨୦୨୬ ଶୁକ୍ରବାର



ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଦେଶର ଉପଲବ୍ଧି,...

ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଲକ୍ଷ୍ୟ ପୂରଣ ପାଇଁ ସମୟ ନିର୍ଦ୍ଧାରଣ କରିବା ଦ୍ୱାରା କାର୍ଯ୍ୟର ପ୍ରାଥମିକତା, ପଦ୍ଧତି ଏବଂ ଗତିରେ ପରିବର୍ତ୍ତନ ଆସିଥାଏ। ସ୍ୱାଧୀନତା ସଂଗ୍ରାମର ଉଦାହରଣ ଦେଇ ସେ କହିଥିଲେ ଯେ, ଆରମ୍ଭରେ ଛୋଟ ଛୋଟ ଲକ୍ଷ୍ୟ ନେଇ ଆଗକୁ ବଢ଼ିବାକୁ ପଡ଼ିଥାଏ। ଏହି ଛୋଟ ଛୋଟ ଲକ୍ଷ୍ୟଗୁଡ଼ିକୁ ପୂରଣ କରି ଆଜି ଦେଶ ବିକଶିତ ଭାରତ ଦିଗରେ ଅଗ୍ରସର ହେଉଛି। ଏହି ଅବସରରେ ସେ ଗତ ୧୨ ବର୍ଷ ମଧ୍ୟରେ ତାଙ୍କ ସରକାରର ଉପଲବ୍ଧିଗୁଡ଼ିକର ଉଲ୍ଲେଖ କରି କହିଥିଲେ ଯେ, ଯଦି ଦେଶ ୧୨ ବର୍ଷ ମଧ୍ୟରେ ୫୦ କୋଟିରୁ ଅଧିକ ଲୋକଙ୍କୁ ଅତ୍ୟନ୍ତ ଦାରିଦ୍ର୍ୟରୁ ମୁକ୍ତ କରିପାରିଛି, ତେବେ ଆଗାମୀ ୨୦ ବର୍ଷ ମଧ୍ୟରେ ଦେଶକୁ ବିକଶିତ କରିବା କୌଣସି କଷ୍ଟକର କାର୍ଯ୍ୟ ନୁହେଁ। ଗଣମାଧ୍ୟମ ସହ ନିଜର ଅନୁଭୂତି ବାଣ୍ଟି ପ୍ରଧାନମନ୍ତ୍ରୀ କହିଥିଲେ ଯେ, ନିକଟରେ ସେ ଶାସନ ମୁଖ୍ୟ ଭାବେ ୨୫ ବର୍ଷ ପୂରଣ କରିଛନ୍ତି। ଏହି ୨୫ ବର୍ଷ ମଧ୍ୟରେ ସେ ପ୍ରେସ୍ ରିଲିଜରୁ ଆରମ୍ଭ କରି ରିଲ୍ସ ପର୍ଯ୍ୟନ୍ତର ଯାତ୍ରା ଦେଖିଛନ୍ତି। ଏହି ଅବସରରେ ସେ ଗଣମାଧ୍ୟମ, ବିଶେଷକରି କ୍ଷେତ୍ରସ୍ତରରେ କାର୍ଯ୍ୟ କରୁଥିବା ସାମ୍ବାଦିକମାନଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଦିଲ୍ଲୀ ବିଜେପିର ଅଧ୍ୟକ୍ଷ ନୀତିନ ନବୀନ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ମୋଦୀ ଦେଶରେ ବିକାଶର ଆଲୋକକୁ ଆଜି ପ୍ରତ୍ୟେକ ଘରେ ପହଞ୍ଚାଇଛନ୍ତି। ଆଜି ଦୀପାବଳି ପର୍ବ ଅନ୍ତର୍ଜାତୀୟ ସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଛି। ଭାରତର ସଂସ୍କୃତି ଏବଂ ଐତିହ୍ୟକୁ ସାରା ବିଶ୍ୱରେ ପହଞ୍ଚାଇବା ପାଇଁ ପ୍ରଧାନମନ୍ତ୍ରୀଙ୍କ ପ୍ରୟାସ ଏଥିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଛି।

ବାୟୁସେନା...

ବ୍ୟବସ୍ଥାକୁ ଆହୁରି ମଜଭୁତ କରିବା ସହ କାର୍ଯ୍ୟକ୍ଷମ ପ୍ରସ୍ତୁତି ବୃଦ୍ଧି କରିବାକୁ ହେବ। ଯାହାଦ୍ୱାରା ଆମର ଯବାନମାନେ ଯେକୌଣସି ନୂତନ ଆହ୍ୱାନର ଦୃଢ଼ ମୁକାବିଲା କରିବା ପାଇଁ ସର୍ବଦା ସତର୍କ, ତତ୍ପର ଓ ପ୍ରସ୍ତୁତ ରହିପାରିବେ। ରାଜନାଥ ସିଂହ କହିଥିଲେ ଯେ, ବର୍ତ୍ତମାନର ଯୁଦ୍ଧ କେବଳ ପାରମ୍ପରିକ ଯୁଦ୍ଧକ୍ଷେତ୍ର ମଧ୍ୟରେ ସୀମିତ ନରହି ଅଣ-ସମ୍ପର୍କ ଯୁଦ୍ଧ କ୍ଷେତ୍ର ପର୍ଯ୍ୟନ୍ତ ବିସ୍ତାରିତ ହେଉଛି। ଏଥିରେ କ୍ଷେପଣାସ୍ତ୍ର, ଡ୍ରୋନ୍ ଏବଂ ଉନ୍ନତ ଅସ୍ତ୍ରଶସ୍ତ୍ର ପ୍ରଣାଳୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ରୁଷ୍-ୟୁକ୍ରେନ୍ ଏବଂ ଇସ୍ରାଏଲ୍-ହମାସ୍ ଯୁଦ୍ଧର ଉଦାହରଣ ଦେଇ ସେ କହିଥିଲେ ଯେ, ଡ୍ରୋନ୍ ଓ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଆଧୁନିକ ଯୁଦ୍ଧର ଅବିଚ୍ଛେଦ୍ୟ ଅଙ୍ଗ ଭାବେ ଉଭା ହୋଇଛି। ପ୍ରତିରକ୍ଷା ମନ୍ତ୍ରୀ ଭାରତୀୟ ବାୟୁସେନାକୁ ଇଲେକ୍ଟ୍ରୋନିକ୍, ସାଇବର ଏବଂ ମହାକାଶ ସମେତ ଯୁଦ୍ଧର ନୂତନ କ୍ଷେତ୍ରଗୁଡ଼ିକ ପାଇଁ ସ୍ୱତନ୍ତ୍ର ରଣନୀତି ଓ ଢାଞ୍ଚା ବିକଶିତ କରିବାକୁ କହିଥିଲେ। ଏହି କ୍ଷେତ୍ରଗୁଡ଼ିକରେ ଉନ୍ନତ ପ୍ରସ୍ତୁତି ଭବିଷ୍ୟତର ଆହ୍ୱାନଗୁଡ଼ିକର ମୁକାବିଲା କରିବାର କ୍ଷମତାକୁ ଆହୁରି ମଜଭୁତ କରିବ ବୋଲି ସେ ଗୁରୁତ୍ୱାରୋପ କରିଥିଲେ।

୧୪ରେ ମିଳିବ...

ସେ କହିଛନ୍ତି ଯେ ୧୪ ତାରିଖ ଦିନ ବଲାଙ୍ଗୀର ଜିଲ୍ଲା ମୁଖ୍ୟାଳୟରେ କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ ପକ୍କା ଘର ବଣ୍ଟନ କରିବେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ରହିବେ । ରାଜ୍ୟର ପ୍ରତି ଜିଲ୍ଲା, ବ୍ଲକ ଓ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆବାସ ଯୋଜନାରେ ୪ ଲକ୍ଷ ଓ ଅନ୍ତ୍ୟୋଦୟ ଯୋଜନାରେ ୫ ଲକ୍ଷ ଘର ମିଳିଛି। ୧୪ରେ ଅତିରିକ୍ତ ୨ ଲକ୍ଷ ୯୧ ହଜାର ୬୬୬ ଘର ଆବଣ୍ଟନ କରାଯିବ ବୋଲି ସୂଚନା ଦେଇଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ଶ୍ରୀ ନାୟକ ।

ଆନ୍ଦୋଳନକାରୀଙ୍କ...

ମଣୁନାହାନ୍ତି । ସବୁ ସୁବିଧା ମିଳୁଥିବାରୁ ସେମାନେ ଏହି ଜାଗାରେ ଆସ୍ଥାନ ଜମାଇ ଦେଲେଣି ଏବଂ ଦିନ ରାତି ଏହିଠାରେ ହିଁ ପଡିରହୁଛନ୍ତି। ଗାନ୍ଧୀ ମାର୍ଗର ଉଭୟ ପାର୍ଶ୍ୱରେ ମନ୍ତ୍ରୀ, ବିଧାୟକ, ବାଚସ୍ପତି, ଉପବାଚସ୍ପତି, ସରକାରୀ ଅଧିକାରୀ ଏବଂ ସାମ୍ବାଦିକମାନେ ସରକାରୀ କ୍ୱାର୍ଟରରେ ରହୁଥିଲେ ମଧ୍ୟ ସେମାନେ ଆନ୍ଦୋଳନକାରୀମାନଙ୍କ ଦ୍ୱାରା ନିର୍ମିତ ମଳ, ମୂତ୍ର ତ୍ୟାଗଜନିତ ଅସ୍ୱାସ୍ଥ୍ୟକର ପୁରିଗନ୍ଧମୟ ପରିବେଶରୁ ବାହାରି ନପାରି ଅତିଷ୍ଠ ହୋଇପଡିଲେଣି । କାରଣ ଆନ୍ଦୋଳନକାରୀମାନେ ଏହି ଅଞ୍ଚଳକୁ ହଗିମୁତି ଆଣ୍ଡିଏ କଲେଣି। ଦୁର୍ଗନ୍ଧରେ ସମଗ୍ର ଅଞ୍ଚଳ ଫାଟି ପଡୁଛି। ତଥାପି କାହାର ନିଘା ନାହିଁ। ବୁଦ୍ଧିଜୀବୀ ଓ ସାମ୍ବାଦିକମାନେ ଏ ସମ୍ପର୍କରେ ସ୍ଥାନୀୟ ପ୍ରଶାସନ (ବିଏମ୍ସି) ଏବଂ ସରକାରଙ୍କୁ ଅନେକବାର ଜଣାଇଥିଲେ ମଧ୍ୟ ଏହି ସମସ୍ୟାର କୌଣସି ସମାଧାନ ଏପର୍ଯ୍ୟନ୍ତ ହୋଇପାରିନାହିଁ । ଲୋକେ ଅତିଷ୍ଠ ହୋଇ ଡ୍ରହି ଡ୍ରହି ଡାକିଲେଣି । ତଥାପି ସରକାରଙ୍କ ନିଦ ଭାଙ୍ଗୁନାହିଁ । ଆଗକୁ ବିଧାନସଭା ଅଧିବେଶନ ରହିଛି । ଏଥିପାଇଁ ପୋଲିସ୍ କାର୍ଯ୍ୟାନୁଷ୍ଠାନ ହୋଇପାରେ । ତେବେ ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବା ଆଳରେ ସହରର ମୁଖ୍ୟ ରାସ୍ତାକୁ ଦୀର୍ଘ ଦିନ ଧରି ଅବରୋଧ କରି ରଖିବା ଦ୍ୱାରା ଆନ୍ଦୋଳନକାରୀ ଓ ସଂଗଠନ ନେତାମାନେ ମାନବାଧିକାର କ୍ଷୁର୍ଣ୍ଣ କରୁଛନ୍ତି କି ନାହିଁ ସେ କଥା ରାଜ୍ୟ ସରକାର ବିଚାର କରିବାର ସମୟ ଆସିଛି । ବିଭିନ୍ନ ସଂଗଠନ ପକ୍ଷରୁ ଆନ୍ଦୋଳନକାରୀମାନେ ରାଜଧାନୀର ମୁଖ୍ୟ ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ ଓ ପ୍ରତିବାଦ ସଭା କରିବା ପରିବର୍ତ୍ତେ ରାଜ୍ୟ ସରକାର କୌଣସି ବିକଳ୍ପ ସ୍ଥାନ ଚିହ୍ନଟ କରି ତାହାର ବ୍ୟବସ୍ଥା କରିବାକୁ ଅତୀତରେ ଏକ ଜନସ୍ୱାର୍ଥ ମାମଲା ଓଡ଼ିଶା ହାଇକୋର୍ଟରେ କରାଯାଇଥିଲା । ଏହା ଉପରେ ସରକାର ବିଚାର କରିବାକୁ ମଧ୍ୟ ହାଇକୋର୍ଟ ପରାମର୍ଶ ଦେଇଥିଲେ । ତଦନୁସାରେ ବରମୁଣ୍ଡା ବସଷ୍ଟାଣ୍ଡ ପଡିଆ ନିକଟବର୍ତ୍ତୀ ଅଞ୍ଚଳ ଏବଂ ଜନତା ମଇଦାନକୁ ଆନ୍ଦୋଳନ ପାଇଁ ବିକଳ୍ପ ସ୍ଥାନ ଭାବେ ଚିହ୍ନଟ ହୋଇଥିଲେ ମଧ୍ୟ ସରକାର ଏହା ଉପରେ କୌଣସି ତୃତାନ୍ତ ନିଷ୍ପତ୍ତି ନେଇନାହାନ୍ତି । ସରକାରଙ୍କ ଉଦାସୀନତାର ସୁଯୋଗ ନେଇ ଆନ୍ଦୋଳନକାରୀ ସଂଗଠନମାନେ ଗାନ୍ଧୀ ମାର୍ଗରେ ସେମାନଙ୍କର ବିକ୍ଷୋଭ ପ୍ରଦର୍ଶନ ଓ ପ୍ରତିବାଦ ସଭା ଆଦି କାର୍ଯ୍ୟକ୍ରମ ପାଇଁ ପ୍ରକୃଷ୍ଟ ସ୍ଥାନ ବୋଲି ଧରି ନେଇଛନ୍ତି । ଆଉ ସେଇଥି ପାଇଁ ଦିନ ରାତି ଗାନ୍ଧୀ ମାର୍ଗରେ ଆସ୍ଥାନ ଜମାଇ ସାଧାରଣ ଜନତା ଓ ରାଜଧାନୀବାସୀଙ୍କୁ ଅକଥନୀୟ ଦୁର୍ଦ୍ଦଶା ଭିତରକୁ ଠେଲି ଦେଇଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି । ରାଜ୍ୟ ସରକାର ଏହା ଉପରେ ଗୁରୁତର ସହ ବିଚାର କରି ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

୧୬୫ କୋଟିରେ...

ଆଣିବା ପାଇଁ ଏକାଧିକ ଐତିହାସିକ ପଦକ୍ଷେପ ଗ୍ରହଣ କରାଯାଇଛି। ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଅନ୍ତର୍ଗତ ୨୦୨୪ ଏବଂ ୨୦୨୫ ବର୍ଷର ତାଲିକାକୁ ମିଶାଇ ମୋଟ୍ ୩୭୫ ଜଣ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଙ୍କୁ ସମ୍ମାନିତ କରାଯାଇଛି। ସମଗ୍ର ରାଜ୍ୟରେ ବ୍ଲକ୍ ସ୍ତରଠାରୁ ଆରମ୍ଭ କରି ରାଜ୍ୟସ୍ତର ପର୍ଯ୍ୟନ୍ତ ଏହି ପୁରସ୍କାର ଯୋଜନାରେ ମୋଟ୍ ୧୩୮ କୋଟି ୯୭ ଲକ୍ଷ ୭୮ ହଜାର ୯୫୦ ଟଙ୍କାର ଆର୍ଥିକ ପ୍ରୋତ୍ସାହନ ବ୍ୟବସ୍ଥା କରାଯାଇଛି। ସେହିପରି ମାତୃଭାଷା ଓଡ଼ିଆ ଅଧ୍ୟୟନରେ ଉତ୍କର୍ଷ ପ୍ରଦର୍ଶନ କରୁଥିବା ସମଗ୍ର ରାଜ୍ୟର ୭,୩୫୦ ଜଣ ମେଧାବୀ ଛାତ୍ରଛାତ୍ରୀ ପ୍ରତ୍ୟେକଙ୍କୁ ବାର୍ଷିକ ୭,୫୦୦ ଟଙ୍କା 'ମୁଖ୍ୟମନ୍ତ୍ରୀ ଓଡ଼ିଆ ଭାଷା ବୃତ୍ତି' ପ୍ରଦାନ କରାଯାଉଥିବା ବେଳେ ଗୁରୁବାର ମଞ୍ଚରେ ୧୦ ଜଣ କୃତୀ ଛାତ୍ରଛାତ୍ରୀ ଏବଂ ୪ ଜଣ ସିଏଚ୍ଏସଇ ଟପ୍ପରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହା ବ୍ୟତୀତ ଛାତ୍ରଛାତ୍ରୀଙ୍କୁ ପୁସ୍ତକଗତ ଜ୍ଞାନରୁ ଉର୍ଦ୍ଧ୍ୱକୁ ନେଇ ପ୍ରୟୋଗାତ୍ମକ ବିଜ୍ଞାନ ସହ ଯୋଡ଼ିବା ଉଦ୍ଦେଶ୍ୟରେ ୮୦୭ଟି ବିଦ୍ୟାଳୟରେ ଅତ୍ୟାଧୁନିକ ରୋବୋଟିକ୍ସ ଲ୍ୟାବ୍ ପ୍ରତିଷ୍ଠା କରାଯାଇଛି, ଯେଉଁଠାରେ ଷଷ୍ଠରୁ ଦଶମ ଶ୍ରେଣୀର ପିଲାମାନେ ରୋବୋଟିକ୍ସ, କୋଡିଂ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ , ମେସିନ୍ ଲର୍ଣ୍ଣିଂ ଏବଂ ଥ୍ରୀ-ଡି ପ୍ରିଣ୍ଟିଂ ଭଳି ବୈଷୟିକ ଶିକ୍ଷା ଲାଭ କରିପାରିବେ ।ଏହି ଅବସରରେ ସମବେତ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଅଭିଭାବକମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଜି ତାଙ୍କ ସାମ୍ନାରେ ଦେଶର ଉଜ୍ଜ୍ୱଳ ଭବିଷ୍ୟତକୁ ଦେଖି ସେ ଅତ୍ୟନ୍ତ ଆତ୍ମସନ୍ତୋଷ ଅନୁଭବ କରୁଛନ୍ତି। ସେ କହିଛନ୍ତି ଯେ ଆଜିର ଏହି ଉତ୍ସବ କେବଳ ଏକ ସାଧାରଣ ଶିଶୁ ମହୋତ୍ସବ ନୁହେଁ, ବରଂ ଏହା ହେଉଛି ପିଲାମାନଙ୍କ ସ୍ୱପ୍ନ, ସୃଜନଶୀଳତା, ପ୍ରତିଭା ଓ ଅସୀମ ସମ୍ଭାବନାର ଏକ ମହାମିଳନ। ରାଜନୀତିକୁ ଆସିବା ପୂର୍ବରୁ ଜଣେ ଶିକ୍ଷକ ଭାବେ କାର୍ଯ୍ୟ କରିଥିବାର ଅନୁଭୂତିକୁ ମନେପକାଇ ମୁଖ୍ୟମନ୍ତ୍ରୀ ଅତ୍ୟନ୍ତ ଭାବବିହ୍ୱଳ ଭାବେ କହିଥିଲେ ଯେ ସେ ଏଠାକୁ କେବଳ ଜଣେ ମୁଖ୍ୟମନ୍ତ୍ରୀ ଭାବେ ନୁହେଁ, ବରଂ ଜଣେ ଶିକ୍ଷକ ଭାବେ ଆସିଛନ୍ତି, କାରଣ ଯେତେବେଳେ ବି ସେ କୌଣସି ବିଦ୍ୟାଳୟ କିମ୍ବା ଛାତ୍ରଭିତ୍ତିକ କାର୍ଯ୍ୟକ୍ରମକୁ ଯାଆନ୍ତି, ତାଙ୍କ ଭିତରେ ଥିବା ଶିକ୍ଷକଟି ଆପେଆପେ ବାହାରକୁ ଆସିଥାଏ। ଶୈଶବ ଅବସ୍ଥାର ଗୁରୁତ୍ୱ ବର୍ଣ୍ଣନା କରି ସେ କହିଛନ୍ତି ଯେ ମଣିଷ ଜୀବନର ବିଭିନ୍ନ ପର୍ଯ୍ୟାୟ ମଧ୍ୟରୁ ଶୈଶବ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ, କାରଣ ଏହି ସମୟରେ ଶିଶୁ ଏକ କଞ୍ଚା ମାଟି ପିଣ୍ଡଳା ପରି ରହିଥାଏ।କୁମ୍ଭାର ଯେପରି କଞ୍ଚା ମାଟିକୁ ନିଜ ମନ ମୁତାବକ ସୁନ୍ଦର ଆକାର ଦେଇଥାଏ, ସେହିପରି ଶିକ୍ଷା, ଦୀକ୍ଷା, ପ୍ରଶିକ୍ଷଣ ଓ ସଂସ୍କାର ମାଧ୍ୟମରେ ନିଷ୍ପାପ ଶିଶୁମାନଙ୍କୁ ଜଣେ ଜଣେ ଦାୟିତ୍ୱସମ୍ପନ୍ନ ନାଗରିକ ଭାବେ ଗଢ଼ିତୋଳିବା ପିତାମାତା ଓ ଶିକ୍ଷକମାନଙ୍କର ପବିତ୍ର କର୍ତ୍ତବ୍ୟ। ଛାତ୍ରଛାତ୍ରୀମାନଙ୍କୁ ଜଣେ ଶିକ୍ଷକଙ୍କ ଉପଦେଶ ଭଳି କେତୋଟି ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନର ପରିବର୍ତ୍ତିତ ସମୟରେ ଯୁଗୋପଯୋଗୀ ହେବା ନିହାତି ଆବଶ୍ୟକ। ଇଣ୍ଟରନେଟ୍ ଯୁଗରେ ସମସ୍ତ ତଥ୍ୟ ହାତପାଆନ୍ତାରେ ଉପଲବ୍ଧ ଥିବାରୁ କେଉଁଟି ସଠିକ୍ ଏବଂ କେଉଁଟି ବିଭ୍ରାନ୍ତକାରୀ, ସେ ନେଇ ପିଲାମାନେ ସଚେତନ ହେବା ଉଚିତ ଏବଂ ମୋବାଇଲ୍ ଫୋନ୍ କେବଳ ଶିକ୍ଷା ଆହରଣର ମାଧ୍ୟମ ହେଉ, ମନୋରଞ୍ଜନର ମାର୍ଗ ନୁହେଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏକ ପ୍ରସିଦ୍ଧ ହିନ୍ଦୀ ଚଳଚ୍ଚିତ୍ରର ଉକ୍ତି "କାବିଲ ବନୋ, କାମୟାବି ତୁମ୍ହାରୀ ପିଛେ ଦୌଡେଗୀ" କୁ ଉଦ୍ଧୃତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୁରୁଣା ସମୟ ଭଳି କେବଳ ସରକାରୀ ଚାକିରି କିମ୍ବା ଅଧିକ ମାର୍କ ଆଣିବାର ମୂଷା-ଦୌଡ଼ରେ ସାମିଲ ନ ହୋଇ ନିଜକୁ ସକ୍ଷମ, ସମର୍ଥ ଓ ଯୋଗ୍ୟ କରିବା ଉଚିତ, କାରଣ ଡିଗ୍ରୀ ନୁହେଁ ବରଂ ଦକ୍ଷତା ହିଁ ରୋଜଗାରର ପ୍ରକୃତ ଗ୍ୟାରେଣ୍ଟି। ଓଡ଼ିଶାରେ ବର୍ତ୍ତମାନ ଦ୍ରୁତ ଗତିରେ ଚାଲିଥିବା ଶିଳ୍ପାୟନ ଆଗାମୀ ଦିନରେ ଲକ୍ଷ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଯାଉଥିବାରୁ ଛାତ୍ରଛାତ୍ରୀମାନେ ପାଠରେ ମନ ଦେଇ ନିଜକୁ ସେଥିପାଇଁ ପ୍ରସ୍ତୁତ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ପରିଶେଷରେ ମହାତ୍ମା ଗାନ୍ଧୀଙ୍କ ବାଣୀକୁ ସ୍ମରଣ କରି ସେ କହିଛନ୍ତି ଯେ ଦେଶର ଭବିଷ୍ୟତ ଆମ ପିଲାମାନଙ୍କ ଉପରେ ନିର୍ଭର କରେ, ତେଣୁ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ ପାଇଁ ସମସ୍ତେ ସମ୍ମିଳିତ ଉଦ୍ୟମ କରିବା ଆବଶ୍ୟକ। ଚଳିତ ବର୍ଷ 'ସୁରଭି-୨୦୨୬'ର ମୁଖ୍ୟ ବିଷୟବସ୍ତୁ ରହିଛି 'ସମୃଦ୍ଧ ଭାଷା, ସମୃଦ୍ଧ ଓଡ଼ିଶା'। ଭାଷା ହେଉଛି ଏକ ଜାତିର ପରିଚୟ, ସଂସ୍କୃତି ଓ ଐତିହ୍ୟର ବାହକ। ଏହି ବିଷୟବସ୍ତୁ ମାଧ୍ୟମରେ କୋମଳମତି ପିଲାମାନଙ୍କ ମଧ୍ୟରେ ମାତୃଭାଷା ଓଡ଼ିଆ ପ୍ରତି ଆଗ୍ରହ, ଭାଷାଗତ ଗର୍ବ, ସାହିତ୍ୟିକ ରୁଚି ଓ ସୃଜନଶୀଳତାକୁ ପ୍ରୋତ୍ସାହିତ କରିବା ସହିତ ଓଡ଼ିଶାର ଭାଷାଗତ ଓ ସାଂସ୍କୃତିକ ବିବିଧତା ପ୍ରତି ସମ୍ମାନ ଜାଗ୍ରତ କରିବା ଏହି କାର୍ଯ୍ୟକ୍ରମର ଅନ୍ୟତମ ମୂଳ ଲକ୍ଷ୍ୟ। ଏହି ପରିପ୍ରେକ୍ଷୀରେ ଓଡ଼ିଆ ମାଧ୍ୟମ ବିଦ୍ୟାଳୟଗୁଡ଼ିକରେ ପଢୁଥିବା ଏବଂ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ଓଡ଼ିଆ ଭାଷାରେ ସର୍ବାଧିକ ନମ୍ବର ରଖିଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ପାଇଁ 'ମୁଖ୍ୟମନ୍ତ୍ରୀ ଓଡ଼ିଆ ଭାଷା ବୃତ୍ତି' ଯୋଜନା କାର୍ଯ୍ୟକାରୀ ହେଉଛି। ଏହି ଯୋଜନା ଅଧୀନରେ ରାଜ୍ୟର ପ୍ରତ୍ୟେକ ବ୍ଲକ୍‌ରୁ ୨୦ ଜଣ, ପ୍ରତ୍ୟେକ ମହାନଗର ନିଗମରୁ ୨୦ ଜଣ, ପୌରପାଳିକାରୁ ୧୦ ଜଣ ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦରୁ ୫ ଜଣ ଲେଖାଏଁ କୃତୀ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ସେ ଆହୁରି ମଧ୍ୟ କହିଥିଲେ ଯେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ନୂତନ ଜାତୀୟ ଶିକ୍ଷା ନୀତିର ସଫଳ ରୂପାୟନ ଦିଗରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦିଆଯାଇଛି। ଛୋଟ ପିଲାମାନଙ୍କ ଶିକ୍ଷା ଆରମ୍ଭ ପାଇଁ 'ଶିଶୁ ବାଟିକା' ଖୋଲାଯିବା ସହ ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇଁ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ପ୍ରତିଷ୍ଠା କରାଯାଉଛି। ଏଥିସହିତ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ସାମିଲ କରାଯିବା ସହ କେଜିରୁ ପିଜି ପର୍ଯ୍ୟନ୍ତ ଶିକ୍ଷାକୁ ସମ୍ପୂର୍ଣ୍ଣ ଦେୟମୁକ୍ତ କରାଯାଇଛି। ତୃତୀୟ ଶ୍ରେଣୀ ଶେଷ ସୁଦ୍ଧା ପ୍ରତ୍ୟେକ ଶିଶୁ ଯେପରି ପଢ଼ିବା, ଲେଖିବା ଓ ମୌଳିକ ଗଣିତ ଦକ୍ଷତା ହାସଲ କରିପାରିବେ, ସେଥିପାଇଁ 'ନିପୁଣ ଓଡ଼ିଶା' ମିଶନ ଏବଂ ଗୁରୁବାର ଲୋକାର୍ପିତ ହୋଇଥିବା 'ନିପୁଣ ଆପ୍' ଶ୍ରେଣୀଗୃହ ପର୍ଯ୍ୟବେକ୍ଷଣ ଓ ଶିକ୍ଷାର୍ଥୀମାନଙ୍କ ବ୍ୟକ୍ତିଗତ ଦକ୍ଷତା ଆକଳନ କ୍ଷେତ୍ରରେ ଏକ ବଳିଷ୍ଠ ମାଧ୍ୟମ ସାଜିବ। ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମଧ୍ୟରେ ଥିବା ଡିଜିଟାଲ୍ ତାରତମ୍ୟକୁ ଦୂର କରିବା ପାଇଁ ୮୦୭ଟି ବିଦ୍ୟାଳୟରେ ଖୋଲାଯାଇଥିବା ରୋବୋଟିକ୍ସ ଲ୍ୟାବ୍ ଗୁଡ଼ିକରେ ଚାରୋଟି ଲେଖାଏଁ ରୋବୋଟ୍, ରୋବୋଟିକ୍ସ କିଟ୍, କମ୍ପ୍ୟୁଟର ଓ ଥ୍ରୀ-ଡି ପ୍ରିଣ୍ଟିଂ ସୁବିଧା ଉପଲବ୍ଧ କରାଯାଇଛି, ଯାହାଦ୍ୱାରା ପିଲାମାନେ ୧୦୦ରୁ ଅଧିକ ଅଭିନବ ପ୍ରକଳ୍ପ ଉପରେ କାର୍ଯ୍ୟ କରି ନିଜକୁ ଭବିଷ୍ୟତର ଉଦ୍ଭାବକ ଭାବେ ଗଢ଼ିତୋଳିପାରିବେ। ଏହି ସମାରୋହରେ ଯୋଗଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ 'ସୁରଭି' କାର୍ଯ୍ୟକ୍ରମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ପିଲାମାନଙ୍କୁ କେବଳ ପାଠ୍ୟପୁସ୍ତକରେ ସୀମିତ ନ ରଖି ସେମାନଙ୍କର ସାହିତ୍ୟ, ସଂସ୍କୃତି, କଳା, ସଙ୍ଗୀତ, ନୃତ୍ୟ, ତର୍କ, କୁଇଜ୍ ଓ ସୃଜନଶୀଳ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିଥାଏ। ଏହା ପିଲାମାନଙ୍କୁ ନିଜ ପ୍ରତିଭା ଚିହ୍ନିବା ସହିତ ନିଜ ମତାମତକୁ ଆତ୍ମବିଶ୍ୱାସର ସହ ପ୍ରକାଶ କରିବାର ସୁଯୋଗ ଦେଇଥାଏ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ମତବ୍ୟକ୍ତ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଆମେ ଏପରି ଏକ ଓଡ଼ିଶା ଗଠନ କରିବାକୁ ଚାହୁଁଛୁ, ଯେଉଁଠି ପ୍ରତ୍ୟେକ ଶିଶୁ ନିଜ ମାତୃଭାଷାରେ ଶିଖିବାର ସୁଯୋଗ ପାଇବ, ପ

ଉତ୍କଳ ଦୀପିକା

ଭୁବନେଶ୍ୱର, ୧୩ ନଭେମ୍ବର, ଶୁକ୍ରବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

କାର୍ତ୍ତିକ ବ୍ରତ ଆତ୍ମଶୁଦ୍ଧି, ତ୍ୟାଗ, ସମର୍ପଣ ଏବଂ ଭକ୍ତିର ଏକ ଅପୂର୍ବ ସଙ୍ଗମ : ମୁଖ୍ୟମନ୍ତ୍ରୀ

ପୁରୀ, ୧୨/୧୧
ନ୍ୟୁଜ ବ୍ୟୁରୋ

କାର୍ତ୍ତିକ ବ୍ରତ କେବଳ ଏକ ଧର୍ମୀୟ ଅନୁଷ୍ଠାନ କିମ୍ବା କାର୍ଯ୍ୟକ୍ରମ ନୁହେଁ, ଏହା ଆମ ମା'ମାନଙ୍କର ସହନଶୀଳତାର ପ୍ରତୀକ । ରାଜ୍ୟର ଅଧା ଜନସଂଖ୍ୟା ହେଉଛନ୍ତି ମହିଳା। ତେଣୁ ପ୍ରତ୍ୟେକ ବର୍ଗର ମହିଳାଙ୍କ ବିକାଶ ଓ ସଶକ୍ତିକରଣ ପାଇଁ ଆମ ସରକାର ପ୍ରଥମ ଦିନରୁ ପ୍ରତିଶ୍ରୁତିବଦ୍ଧ ହୋଇ କାର୍ଯ୍ୟ କରୁଛନ୍ତି। ଶ୍ରୀକ୍ଷେତ୍ର ପୁରୀଠାରେ ଆୟୋଜିତ ରାଜ୍ୟସ୍ତରୀୟ ହବିଷ୍ୟାଳୀ ମା' ମାନଙ୍କ ସମାରୋହରେ ଯୋଗଦେଇ ଏହି ବଳିଷ୍ଠ ବାର୍ତ୍ତା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ପବିତ୍ର କାର୍ତ୍ତିକ ମାସର ଅମୃତମୟ



ବେଳାରେ ରାଜ୍ୟର ୨୯ଟି ଜିଲ୍ଲାରୁ ଆସିଥିବା ୨୬୫୮ ଜଣ ହବିଷ୍ୟାଳୀ ମା' ଓ ମାଉସୀମାନଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କାର୍ତ୍ତିକ ବ୍ରତ ହେଉଛି ଆତ୍ମଶୁଦ୍ଧି, ତ୍ୟାଗ, ସମର୍ପଣ ଏବଂ ଭକ୍ତିର ଏକ ଅପୂର୍ବ ସଙ୍ଗମ । ପବିତ୍ର କାର୍ତ୍ତିକ ମାସର ଅମୃତମୟ ବେଳାରେ ରାଜ୍ୟର ୨୯ଟି ଜିଲ୍ଲାରୁ ଆସିଥିବା ୨୬୫୮ ଜଣ ହବିଷ୍ୟାଳୀ ମା' ଓ ମାଉସୀ ମାନଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କାର୍ତ୍ତିକ ବ୍ରତ ହେଉଛି ଆତ୍ମଶୁଦ୍ଧି, ତ୍ୟାଗ, ସମର୍ପଣ ଏବଂ ଭକ୍ତିର ଏକ ଅପୂର୍ବ ସଙ୍ଗମ ।

ସମାରୋହରେ ପୁରୀ ସାଂସଦ ଡ. ସମ୍ବିତ ପାତ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଅତିରିକ୍ତ ଜିଲ୍ଲାପାଳ ଶରତ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ସୁରୁଖୁରୁରେ ସମସ୍ତ ବ୍ୟବସ୍ଥା ସମ୍ପାଦନ କରିଥିବାରୁ ମୁଖ୍ୟମନ୍ତ୍ରୀ ପୁରୀ ଜିଲ୍ଲା ପ୍ରଶାସନ ଓ ସ୍ୱେଚ୍ଛାସେବୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ।

ବ୍ୟାଘ୍ର ବାହନରେ ବିରାଜିଲେ ମା' ଭଦ୍ରକାଳୀ



ଭଦ୍ରକ ୧୨।୧୧ ନ୍ୟୁଜ ବ୍ୟୁରୋ

ସପ୍ତମାତୃକା ବେଶରେ ମା'ଙ୍କ ଦିବ୍ୟ ଦର୍ଶନ। ଜଗଦ୍ଧାତ୍ରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି ମା' ଭଦ୍ରକାଳୀ। ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀଙ୍କ ସପ୍ତମାତୃକା ବେଶର ପଞ୍ଚମ ଦିନ। ଏହି ଅବସରରେ ମା'ଙ୍କୁ ଜଗଦ୍ଧାତ୍ରୀ ବେଶରେ ସଜ୍ଜିତ କରାଯାଇଛି । ବ୍ୟାଘ୍ର ବାହନ ଉପରେ ବିରାଜମାନ କରି ମା' ଧାରଣ କରିଛନ୍ତି ତ୍ରିଶୂଳ, ଖଡ୍ଗ, ଚକ୍ର ଓ ପଦ୍ମ। ମା'ଙ୍କ ଏହି ମନୋରମ ଦିବ୍ୟ ବେଶ ଦର୍ଶନ ପାଇଁ ମନ୍ଦିରରେ ଲାଗିଥିଲା ଶ୍ରଦ୍ଧାଳୁଙ୍କ ଭିଡ଼। ରାଜ୍ୟ ତଥା ରାଜ୍ୟ ବାହାରୁ ଛୁଟି ଆସିଛନ୍ତି ହଜାର ହଜାର ଭକ୍ତ। ଭକ୍ତିମୟ ପରିବେଶରେ କମ୍ପୁଛି ମା' ଭଦ୍ରକାଳୀଙ୍କ ପୀଠ। ମା'ଙ୍କ ସପ୍ତମାତୃକା ବେଶର ପଞ୍ଚମ ଦିନରେ ଜଗଦ୍ଧାତ୍ରୀ ରୂପରେ ଦର୍ଶନ ଦେଉଛନ୍ତି ମା'। ମା'ଙ୍କ ଏହି ଅପୂର୍ବ ବେଶ ଦେଖିବା ପାଇଁ ସକାଳୁ ସକାଳୁ ମନ୍ଦିରରେ ଭକ୍ତଙ୍କ ସମାଗମ ହୋଇଥିଲା।

ସପ୍ତମାତୃକା ବେଶର ପ୍ରତ୍ୟେକ ଦିନ ମା'ଙ୍କ ଭିନ୍ନ ଭିନ୍ନ ସ୍ୱରୂପ ଦର୍ଶନ କରିବାର ସୁଯୋଗ ପାଉଛନ୍ତି ଶ୍ରଦ୍ଧାଳୁ। ପଞ୍ଚମ ଦିନର ଏହି ଜଗଦ୍ଧାତ୍ରୀ ବେଶ ଦର୍ଶନ ପାଇଁ ଭଦ୍ରକ ସମେତ ରାଜ୍ୟର ବିଭିନ୍ନ ସ୍ଥାନ ଓ ରାଜ୍ୟ ବାହାରୁ ମଧ୍ୟ ଭକ୍ତଙ୍କ ଆଗମନ ହୋଇଥିଲା। ମା'ଙ୍କ ଏହି ଦିବ୍ୟ ରୂପ ଦର୍ଶନ କରି ଶ୍ରଦ୍ଧାଳୁମାନେ ନିଜ ପରିବାରର ମଙ୍ଗଳ, ସୁଖ ଓ ସମୃଦ୍ଧି କାମନା କରିଛନ୍ତି। ମା'ଙ୍କ ଆଶୀର୍ବାଦ ଲାଭ ପାଇଁ ପ୍ରତ୍ୟେକ ଭକ୍ତଙ୍କ ମନରେ ରହିଛି ଅପାର ଆସ୍ଥା ଓ ବିଶ୍ୱାସ।

ପୀତବାସ ପଣ୍ଡା ହତ୍ୟା ମାମଲା

୬ ଅଭିଯୁକ୍ତଙ୍କ ଜାମିନ ଆବେଦନର ରାୟ ସଂରକ୍ଷିତ ରଖିଲେ ହାଇକୋର୍ଟ



କଟକ, ୧୨/୧୧
ନ୍ୟୁଜ ବ୍ୟୁରୋ

ବ୍ରହ୍ମପୁରର ବହୁଚର୍ଚ୍ଚିତ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡ ମାମଲାରେ ୬ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି ଶେଷ ହୋଇଛି। ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ଓଡ଼ିଶା ହାଇକୋର୍ଟ ଜାମିନ ଆବେଦନଗୁଡ଼ିକ ଉପରେ ନିଜର ରାୟ ସଂରକ୍ଷିତ ରଖିଛନ୍ତି। ଏଥିସହ ଆସନ୍ତା ସୋମବାର ସୁଦ୍ଧା ମାମଲା ସମ୍ପର୍କିତ ଲିଖିତ ଯୁକ୍ତି ଦାଖଲ କରିବାକୁ ଉଭୟ ପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ଏହି ମାମଲାରେ ୬ ଜଣ ଅଭିଯୁକ୍ତଙ୍କ ଜାମିନ ଆବେଦନର ଏକତ୍ର ଶୁଣାଣି ପାଇଁ ହାଇକୋର୍ଟରେ ଧାର୍ଯ୍ୟ ହୋଇଥିଲା। ଅଭିଯୁକ୍ତ ଶିବ ଶଙ୍କର ଦାସ, ମଦନ ମୋହନ ଦଳାଇ, ସୁନୀଲ କୁମାର ହୋତା, ଯୋଗେନ୍ଦ୍ର ରାଉତ, ବିପିନ ସ୍ୱାଇଁ ଓ କାଳୁ ଚରଣ ଭୂୟାଁଙ୍କ ପକ୍ଷରୁ ଦାଖଲ ଜାମିନ ଆବେଦନ ଉପରେ ଉଭୟ ପକ୍ଷର ଆଇନଜୀବୀମାନେ ନିଜ ନିଜର ଯୁକ୍ତି ଉପସ୍ଥାପନ କରିଥିଲେ। ଦୀର୍ଘ ଶୁଣାଣି ପରେ ଅଦାଲତ ରାୟ ସଂରକ୍ଷିତ ରଖିବା ସହ ଲିଖିତ ଯୁକ୍ତି ଦାଖଲ ପାଇଁ ସମୟ ଦେଇଛନ୍ତି। ଏବେ ଏହି ୬ ଅଭିଯୁକ୍ତଙ୍କ ଜାମିନ ଆବେଦନ ଉପରେ ହାଇକୋର୍ଟଙ୍କ ପରବର୍ତ୍ତୀ ନିଷ୍ପତ୍ତିକୁ ଅପେକ୍ଷା କରାଯାଇଛି।

ଆଇସିଜେ ପ୍ରେସିଡେଣ୍ଟ ୟୁଜି ଇୱାସାୱାଙ୍କ କିଟ୍ ଓ କିସ୍ ପରିଦର୍ଶନ

- ଇୱାସାୱାଙ୍କୁ ମିଳିବ ସମ୍ମାନଜନକ କିସ୍ ହ୍ୟୁମାନିଟାରିଆନ୍ ସମ୍ମାନ
- ଅନ୍ୟ ଦୁଇ ବିଚାରପତିଙ୍କୁ ସମ୍ମାନସୂଚକ ଡକ୍ଟରେଟ୍

ଭୁବନେଶ୍ୱର, ୧୨ ।୧୧ ନ୍ୟୁଜ ବ୍ୟୁରୋ

ମିଳିତ ଜାତିସଂଘର ସର୍ବୋଚ୍ଚ ନ୍ୟାୟିକ ସଂସ୍ଥା ଇଣ୍ଟରନ୍ୟାସନାଲ୍ କୋର୍ଟ ଅଫ୍ ଜଷ୍ଟିସ୍ (ଆଇସିଜେ)ର ପ୍ରେସିଡେଣ୍ଟ ନ୍ୟାୟାଧୀଶ ୟୁଜି ଇୱାସାୱାଙ୍କ ସମେତ ଏହାର ଅନ୍ୟ ଦୁଇ ବରିଷ୍ଠ ବିଚାରପତି ନ୍ୟାୟାଧୀଶ ଲିଓନାର୍ଡୋ ନେମର କାଲଡେଇରା ବ୍ରାଣ୍ଟ ଓ ନ୍ୟାୟାଧୀଶ ବୋଗଦାନ୍-ଲୁସିଆନ୍ ଆଉରେସ୍କୁ କିଟ୍ ଓ କିସ୍ ପରିଦର୍ଶନରେ ଆସି ଓଡ଼ିଶାରେ ପହଞ୍ଚିଛନ୍ତି। ଶୁକ୍ରବାର କିସ୍ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ନ୍ୟାୟାଧୀଶ ଇୱାସାୱାଙ୍କୁ ସମ୍ମାନଜନକ 'କିସ୍ ହ୍ୟୁମାନିଟାରିଆନ୍ ସମ୍ମାନ' ପ୍ରଦାନ କରାଯିବ। ଏଥିସହ ଅନ୍ୟ ଦୁଇ ବିଚାରପତିଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯିବ। ଆଇସିଜେ ହେଉଛି ମିଳିତ ଜାତିସଂଘର ମୁଖ୍ୟ ନ୍ୟାୟିକ ସଂସ୍ଥା। ୧୯୪୫ ମସିହାରେ ପ୍ରତିଷ୍ଠିତ ଏହି ଅନ୍ତର୍ଜାତୀୟ ନ୍ୟାୟାଳୟ ନେଦରଲାଣ୍ଡ୍ସର ହେଗ୍ ସହରରେ ଅବସ୍ଥିତ। ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ଉପୁକୁଥିବା ଆଇନଗତ ବିବାଦର ସମାଧାନ କରିବା ଏହାର ପ୍ରମୁଖ ଦାୟିତ୍ୱ। ଏଥିସହ ମିଳିତ ଜାତିସଂଘର ଅଧିକୃତ ସଂସ୍ଥା ଓ ଅନୁଷ୍ଠାନଗୁଡ଼ିକୁ ଅନ୍ତର୍ଜାତୀୟ ଆଇନ ସଂପର୍କରେ ପରାମର୍ଶ ମଧ୍ୟ ପ୍ରଦାନ କରିଥାଏ। ବିଶ୍ୱରେ ଶାନ୍ତି, ନ୍ୟାୟ ଓ ଆଇନର ଶାସନ ପ୍ରତିଷ୍ଠା ସହ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସହଯୋଗ ଓ ସୁସଂପର୍କ ବଜାୟ ରଖିବାରେ ଆଇସିଜେର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସୀମା ବିବାଦ, ସାମୁଦ୍ରିକ ଅଧିକାର, ଅନ୍ତର୍ଜାତୀୟ ଚୁକ୍ତିନାମା ଓ ଆଇନର ବ୍ୟାଖ୍ୟା ଭଳି ବିଭିନ୍ନ ପ୍ରସଙ୍ଗରେ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସୃଷ୍ଟି ହେଉଥିବା ବିବାଦର ଆଇନଗତ ସମାଧାନ କରିଥାଏ ଏହି ନ୍ୟାୟାଳୟ। ଦେଶ ଦେଶ ମଧ୍ୟରେ ଉତ୍ତେଜନା ଓ ସଂଘର୍ଷକୁ ନ୍ୟାୟିକ ପ୍ରକ୍ରିୟା ମାଧ୍ୟମରେ ସମାଧାନ କରି ଶାନ୍ତି ପ୍ରତିଷ୍ଠାରେ ସହାୟତା କରିବା ଏହାର ଅନ୍ୟତମ ଉଦ୍ଦେଶ୍ୟ। ଅନ୍ତର୍ଜାତୀୟ ଆଇନ ଓ ଚୁକ୍ତିନାମା ପ୍ରତି ସମ୍ମାନ ପ୍ରଦର୍ଶନ, ରାଷ୍ଟ୍ରଗୁଡ଼ିକର ଆଇନଗତ ଦାୟିତ୍ୱ ନିର୍ଦ୍ଧାରଣ ଏବଂ ନ୍ୟାୟାଳୟର ରାୟ ପାଳନ ଦିଗରେ ମଧ୍ୟ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ସୂଚନାଯୋଗ୍ୟ, ଏହା ପୂର୍ବରୁ ଆଇସିଜେର ତିନି ଜଣ ବିଶିଷ୍ଟ ବିଚାରପତି କିଟ୍ ଓ କିସ୍ ପରିଦର୍ଶନ କରିସାରିଛନ୍ତି। ସେମାନେ ହେଲେ ଭାରତର ନ୍ୟାୟାଧୀଶ ଡ. ଦଲବୀର ଭଣ୍ଡାରୀ, ସୋମାଲିଆର ନ୍ୟାୟାଧୀଶ ଡ. ଅବ୍ଦୁଲକାୱି ଅହମ୍ମଦ ୟୁସୁଫ୍ ଏବଂ ବ୍ରାଜିଲ୍‌ର ନ୍ୟାୟାଧୀଶ ଆଣ୍ଟୋନିଓ ଅଗଷ୍ଟୋ କାନ୍‌ସାଡୋ ଟ୍ରିଣ୍ଡାଡେ। ଏହି ତିନି ଜଣଙ୍କ ସମେତ ବର୍ତ୍ତମାନ ପରିଦର୍ଶନରେ ଆସିଥିବା ଆଉ ତିନି ଜଣ ବିଚାରପତିଙ୍କୁ ମିଶାଇ ଆଇସିଜେର ମୋଟ ୬ ଜଣ ବିଚାରପତିଙ୍କ ପରିଦର୍ଶନ କିଟ୍ ଓ କିସ୍‌ର ଅନ୍ତର୍ଜାତୀୟ ପରିଚୟକୁ ଆହୁରି ସମୃଦ୍ଧ କରିଛି। ଆଇସିଜେରେ ମୋଟ ୧୫ ଜଣ ବିଚାରପତି ରହିଛନ୍ତି। ସେମାନେ ୯ ବର୍ଷ ପାଇଁ ନିର୍ବାଚିତ ହୋଇଥାନ୍ତି ଏବଂ ପୁନଃନିର୍ବାଚିତ ହେବାର ସୁଯୋଗ ମଧ୍ୟ ରହିଛି। ପ୍ରତି ତିନି ବର୍ଷରେ ଥରେ ପାଞ୍ଚ ଜଣ ବିଚାରପତିଙ୍କ ନିର୍ବାଚନ ହୋଇଥାଏ। ବିଭିନ୍ନ ଦେଶର ଜାତୀୟ ଗୋଷ୍ଠୀ (ନ୍ୟାସନାଲ୍ ଗ୍ରୁପ୍) ପକ୍ଷରୁ ସ୍ଥାୟୀ ମଧ୍ୟସ୍ଥତା ନ୍ୟାୟାଳୟ ମାଧ୍ୟମରେ ପ୍ରାର୍ଥୀଙ୍କ ନାମ ପ୍ରସ୍ତାବ କରାଯାଇଥାଏ। ପରେ ଜାତିସଂଘର ସାଧାରଣ ପରିଷଦ ଓ ସୁରକ୍ଷା ପରିଷଦ ଦ୍ୱାରା ସେମାନେ ନିର୍ବାଚିତ ହୁଅନ୍ତି। ଭାରତର ନ୍ୟାୟାଧୀଶ ଡ. ଦଲବୀର ଭଣ୍ଡାରୀ ୨୦୧୨ ମସିହାରୁ ଦୀର୍ଘ ୧୮ ବର୍ଷ ଧରି ଆଇସିଜେର ବିଚାରପତି ଭାବେ ନିର୍ବାଚିତ ହୋଇଛନ୍ତି। ଏହା ତାଙ୍କର ଅନ୍ତର୍ଜାତୀୟ ନ୍ୟାୟିକ କ୍ଷେତ୍ରରେ ଦୀର୍ଘ ଅଭିଜ୍ଞତାର ପରିଚୟ ଦେଇଥାଏ। ଆଇସିଜେର ବିଚାରପତିମାନେ ବିଶ୍ୱର ବିଭିନ୍ନ ଦେଶରୁ ଆସିଥାନ୍ତି । ସେମାନଙ୍କ ପରିଦର୍ଶନ ନିଶ୍ଚିତ ଭାବେ କିଟ୍ ଓ କିସ୍ ପାଇଁ ଗୌରବର ବିଷୟ। ବିଶେଷକରି, ପ୍ରଥମ ଥର ପାଇଁ ଆଇସିଜେର କାର୍ଯ୍ୟରତ ପ୍ରେସିଡେଣ୍ଟ ନ୍ୟାୟାଧୀଶ ୟୁଜି ଇୱାସାୱାଙ୍କ ଓଡ଼ିଶା ଆଗମନ ଏହି ପରିଦର୍ଶନକୁ ଅଧିକ ଗୁରୁତ୍ୱପୂର୍ଣ୍ଣ କରିଛି।

ମହିଳାଙ୍କ ବେକରୁ ସୁନା ଚେନ୍ ଲୁଟ୍

କଟକ, ୧୨/୧୧ ନ୍ୟୁଜ ବ୍ୟୁରୋ

କଟକ ସହରରେ ମହିଳା ଓ ବରିଷ୍ଠ ନାଗରିକଙ୍କ ସୁରକ୍ଷାକୁ ନେଇ ପୁଣି ଉଦ୍‌ବେଗ ପ୍ରକାଶ ପାଇଛି। ଶିଖରପୁର ଏଣ୍ଡ୍ରାନ୍ସ ନିକଟସ୍ଥ ପ୍ରଧାନ ଟ୍ରାନ୍ସପୋର୍ଟ ଅଫିସ୍ ସମ୍ମୁଖରେ ମହାନଦୀ ବିହାର ସେକ୍ଟର-୧ର ଜଣେ ବରିଷ୍ଠ ମହିଳାଙ୍କ ବେକରୁ ଦୁର୍ବୃତ୍ତମାନେ ସୁନା ଚେନ୍ ଛିନ୍ତାଇ କରି ଫେରାର ହୋଇଯାଇଛନ୍ତି। ଏହି ଘଟଣାରେ ଆହତ ମହିଳାଙ୍କୁ ପୋଲିସର ସହଯୋଗରେ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଥିଲା । ସେ ମହାନଦୀ ବିହାରର ପ୍ଲଟ୍ ନମ୍ବର ୧୩୯୨ ବାସିନ୍ଦା ବୋଲି ଜଣାପଡ଼ିଛି।

୧୪୭ ଗ୍ରାମ୍ ହେରୋଇନ୍ ଓ ୧୩୩ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ : ୨ ଗିରଫ

କଟକ, ୧୨/୧୧ ନ୍ୟୁଜ ବ୍ୟୁରୋ

ନିଶାଦ୍ରବ୍ୟ ଚୋରା କାରବାର ବିରୋଧରେ ଅବକାରୀ ବିଭାଗର ଚଢ଼ଉ ଜାରି ରହିଥିବାବେଳେ କଟକ ଜିଲ୍ଲା ଅବକାରୀ ମୋବାଇଲ୍ ୟୁନିଟ୍‌କୁ ମିଳିଛି ସଫଳତା। କୁଆଖାଇ ବ୍ରିଜ ନିକଟ କାଜିପାଟଣା ରାସ୍ତାରେ ଚଢ଼ଉ କରି ଅବକାରୀ ଟିମ୍ ୧୪୭ ଗ୍ରାମ୍ ହେରୋଇନ୍ ଜବତ କରିବା ସହ ଜଣେ ଯୁବକକୁ ଗିରଫ କରିଛି। ଜବତ ହେରୋଇନ୍‌ର ଆନୁମାନିକ ମୂଲ୍ୟ ୧୫ ଲକ୍ଷ ୯୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଗିରଫ ଅଭିଯୁକ୍ତ ହେଲା ଚନ୍ଦନ ରାଉତ (୨୦)। ତା' ଘର ଅନୁଗୁଳ ଜିଲ୍ଲା ବନରପାଳ ଥାନା ଅନ୍ତର୍ଗତ ସାନ ହିଂସର ଗ୍ରାମରେ। ଅବକାରୀ ବିଭାଗ ତା' ନିକଟରୁ ୧୪୭ ଗ୍ରାମ୍ ହେରୋଇନ୍ ସହ ଏକ କଳା ରଙ୍ଗର ଇଲେକ୍ଟ୍ରିକ୍ ସ୍କୁଟି ଏବଂ ଗୋଟିଏ ଆଣ୍ଡ୍ରଏଡ୍ ମୋବାଇଲ୍ ଫୋନ୍ ଜବତ କରିଛି। ଏହି ଘଟଣାରେ ଏନ୍‌ଡିପିଏସ୍ ଆଇନ, ୧୯୮୫ର ଧାରା ୨୧(ବି) ଅନୁଯାୟୀ ମାମଲା ରୁଜୁ କରାଯାଇଛି।

ସେହିପରି ଅବକାରୀ ଗୁଇନ୍ଦା ଓ ପ୍ରବର୍ତ୍ତନ ବ୍ୟୁରୋ ୟୁନିଟ୍-୧ (ଫ୍ଲାଇଙ୍ଗ୍ ସ୍କ୍ୱାଡ୍) ପକ୍ଷରୁ ମର୍କତନଗର ଥାନା ଅନ୍ତର୍ଗତ ସିଡିଏ ସେକ୍ଟର-୬ରେ ଚଢ଼ଉ କରାଯାଇ ୧୩୩ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରାଯାଇଛି। ଏହାର ଆନୁମାନିକ ବଜାର ମୂଲ୍ୟ ୧୩ ଲକ୍ଷ ୩୦ ହଜାର ଟଙ୍କା ହେବ। ଏହି ଘଟଣାରେ ଜଣେ ୪୪ ବର୍ଷୀୟ ବ୍ୟକ୍ତିଙ୍କୁ ଗିରଫ କରାଯିବା ସହ ତା' ନିକଟରୁ ଏକ ଇ-ସ୍କୁଟି ଜବତ ହୋଇଛି। ଗିରଫ ଅଭିଯୁକ୍ତ ହେଲା ରମାକାନ୍ତ ଦାଶ (୪୪)। ତା' ଘର କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଦକ୍ଷିଣଡିଆ ଗ୍ରାମରେ। ସେ ବର୍ତ୍ତମାନ କଟକ ସିଡିଏ ସେକ୍ଟର-୭ରେ ରହୁଥିଲା। ଅବକାରୀ ବିଭାଗର ସୂଚନା ଅନୁଯାୟୀ, ପାତ୍ର ଇଲେକ୍ଟ୍ରୋନିକ୍ସ ନିକଟ ରାସ୍ତାରେ ଅଭିଯୁକ୍ତର ସନ୍ଦେହଜନକ ଗତିବିଧି ସମ୍ପର୍କରେ ସୂଚନା ପାଇ ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ପକ୍ଷରୁ ଚଢ଼ଉ କରାଯାଇଥିଲା। ଯାଞ୍ଚ ସମୟରେ ତା' ନିକଟରୁ ୧୩୩ ଗ୍ରାମ୍ ବ୍ରାଉନ୍ ସୁଗାର ଓ ଏକ କଳା ରଙ୍ଗର ସ୍କୋର୍ଟସ୍ ୧୯ ଇ-ସ୍କୁଟି ଜବତ ହୋଇଥିଲା।

ବରିଷ୍ଠ ନାଗରିକ କୁଞ୍ଜଲତା ନନ୍ଦ ହତ୍ୟା ଘଟଣା

ସୁରତରୁ ବନ୍ଧା ହେଲା ଅଭିଯୁକ୍ତ କେୟାରଟେକର



ଭୁବନେଶ୍ୱର, ୧୨/୧୧ ନ୍ୟୁଜ ବ୍ୟୁରୋ

ରାଜଧାନୀରେ ଚାଞ୍ଚଲ୍ୟ ଖେଳାଇଥିବା ୭୬ ବର୍ଷୀୟା କୁଞ୍ଜଲତା ନନ୍ଦଙ୍କ ହତ୍ୟା ଘଟଣାର ପର୍ଦ୍ଦାଫାସ ଘଟିଛି। ଫେରାର୍ ଥିବା ଅଭିଯୁକ୍ତ କେୟାରଟେକର ବଳଭଦ୍ର ମହାରଣାକୁ ବୁଧବାର ଗୁଜରାଟର ସୁରତରୁ ଗିରଫ କରାଯାଇଛି। ସୁରତ ପୋଲିସ ସହାୟତାରେ କମିଶନରେଟ୍ ପୋଲିସ ଅଭିଯୁକ୍ତକୁ ଗିରଫ କରିଛି । ଏନେଇ ଭୁବନେଶ୍ୱର ଡିସିପି ଅଫିସ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ବଳଭଦ୍ରକୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଲକ୍ଷ୍ମୀସାଗର ପୋଲିସ ଟିମ୍ ଓଡ଼ିଶା ଆଣୁଛି। ତେବେ ଏହି ଘଟଣାରେ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ଗୁରୁବାର ସାମ୍ବାଦିକ ସମ୍ମିଳନୀ କରି ଅଧିକ ସୂଚନା ଦେଇଥିବା ଜଣାପଡିଛି। ନଭେମ୍ବର ୩ ତାରିଖରେ ଭୁବନେଶ୍ୱର ଲକ୍ଷ୍ମୀସାଗର ସ୍ଥିତ ବାସଭବନରୁ ଅବସରପ୍ରାପ୍ତ ଡିଏଫ୍‌ଓଙ୍କ ପତ୍ନୀ କୁଞ୍ଜଲତାଙ୍କ ମୃତଦେହ ଉଦ୍ଧାର ହୋଇଥିଲା । ପୋଲିସ ସୂଚନା ଅନୁସାରେ, ଲୁଟ୍ ଉଦ୍ଦେଶ୍ୟରେ କେୟାରଟେକର ଜଣକ କୁଞ୍ଜଲତାଙ୍କୁ ହତ୍ୟା କରିବା ପରେ ନଗଦ ଟଙ୍କା ଓ ସୁନା ଅଳଙ୍କାର ନେଇ ଫେରାର ହୋଇଯାଇଥିଲା। ପୋଲିସକୁ ଚକମା ଦେବାକୁ ପ୍ରଥମେ ଲୁଧିଆନା ଓ ପରେ ସୁରତ ଚାଲିଯାଇଥିଲା । ଏପରିକି ବାରମ୍ବାର ମୋବାଇଲ ନମ୍ବର ବଦଳାଇ ନିଜର ପରିଚୟ ଲୁଚାଉଥିଲା। ଅଭିଯୁକ୍ତ ବାରମ୍ବାର ଠିକଣା ବଦଳାଉଥିବାରୁ ପୋଲିସ ପାଇଁ ତାକୁ ଟ୍ରାକ କରିବା ଏକ ବଡ଼ ଚ୍ୟାଲେଞ୍ଜ ହୋଇଥିଲା । ବିଭିନ୍ନ ପୋଲିସ ଟିମ୍ ତାକୁ ଗିରଫ କରିବାକୁ ଚଢ଼ଉ କରୁଥିଲା। ଏପରିକି ରାଜ୍ୟ ଭିତରେ ପୋଲିସ ଟିମ୍ ନାକେଦମ୍ ହୋଇଥିଲା । ରାଜ୍ୟ ବାହାରେ ସ୍ୱତନ୍ତ୍ର ପୋଲିସ ଟିମ୍ ଅଭିଯୁକ୍ତ ବଳଭଦ୍ରର ସନ୍ଧାନ ଜାରି ରଖିଥିଲା। ଏକ ସପ୍ତାହରୁ ଅଧିକ ସମୟ ଧରି ଅଭିଯୁକ୍ତ ପୋଲିସ୍ ଆଖିରେ ଧୂଳି ଦେଇ ଫେରାର୍ ରହିଥିଲା । ଶେଷରେ ମଙ୍ଗଳବାର ସୁରତର କରଞ୍ଜନ ଅଞ୍ଚଳରୁ ଅଭିଯୁକ୍ତକୁ ଗୁଜରାଟ ପୋଲିସ ସହାୟତାରେ କମିଶନରେଟ୍ ପୋଲିସ କାବୁ କରିଛି। ଅଭିଯୁକ୍ତ ନିକଟରୁ ଚୋରି ସାମଗ୍ରୀର କିଛି ଅଂଶ ମଧ୍ୟ ଜବତ କରାଯାଇଛି । ଅଭିଯୁକ୍ତକୁ ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ପୋଲିସକୁ ହସ୍ତାନ୍ତର କରିଛି ଗୁଜୁରାଟ ପୋଲିସ। ଅନ୍ୟପକ୍ଷରେ ଘଟଣା ଦିନ ରାତିର ଏକ ସିସିଟିଭି ଭିଡିଓ ଭାଇରାଲ ହୋଇଥିଲା। ମଙ୍ଗଳବାର-ବୁଧବାର ରାତିରେ ପ୍ଲଟ୍ ନଂ ୧୬/୯ସ୍ଥିତ କୁଞ୍ଜଲତାଙ୍କ ଘରୁ ବଳଭଦ୍ର ସ୍ମୁଟି ନେଇ ବ୍ୟାଗରେ ସାମଗ୍ରୀ ନେଇ ଫେରାର ହେଉଥିବା ଦେଖିବାକୁ ମିଳିଥିଲା । ଫେରାର୍ ଅଭିଯୁକ୍ତ ବଳଭଦ୍ରକୁ ଧରିବା ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇପଡିଥିଲା।

୩.୦୩ କୋଟି ଟଙ୍କା ହଡ଼ପ ମାମଲାରେ ରାଜସ୍ୱ ସହାୟକ ଗିରଫ

ଭୁବନେଶ୍ୱର, ୧୨/୧୧
**ନ୍ୟ